CMYK

• Vol.- 46, Issue No. 229
• Saturday, 21 November 2026
• ଶନିବାର, ୨୧ ନଭେମ୍ବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline


Web: www.dinalipi.com, E-mail: dinalipinews@gmail.com



ଏସଆରସିଙ୍କ ନିୟନ୍ତ୍ରଣ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାତ୍ୟା 'ଅକଓ୍ୱାନ'ର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଅନୁଧ୍ୟାନ କରୁଛନ୍ତି ।

ଦୁର୍ବଳ ହେଲା 'ଅକଓ୍ୱାନ'

- ଗଭୀର ଅବପାତରେ ପରିଣତ
- ଗୋପାଳପୁର ନିକଟରେ ସ୍ଥଳଭାଗ କଲା ଅତିକ୍ରମ
- ସକାଳ ୭.୩୦ ରୁ ୮.୩୦ପର୍ଯ୍ୟନ୍ତ ଚାଲିଥିଲା ଲ୍ୟାଣ୍ଡଫଲ
- ଦକ୍ଷିଣ ଓଡ଼ିଶାରେ ବର୍ଷାର ତୀବ୍ରତା କମିଲା
- ବିଭିନ୍ନ ଜିଲ୍ଲାରେ ୩ ଲକ୍ଷ ୭୨ ହଜାର ଲୋକ ସ୍ଥାନାନ୍ତରିତ
- ବାତ୍ୟାର ଗତିପଥ ଓ ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୦।୧୧: ବାତ୍ୟା ଅକଓ୍ୱାନ ସଂପର୍କରେ ଲ୍ୟାଣ୍ଡଫଲ ସ୍ଥାନ ଓ ସମୟ ନେଇ ନାନା ଆକଳନ ପୂର୍ବରୁ କରାଯାଇଥିଲା । ମାତ୍ର ଏ ସଂକ୍ରାନ୍ତ ହିସାବ ପରିଶେଷରେ ଗୋଳମାଳିଆ ହୋଇଥିଲା । ଏହି ବାତ୍ୟା ସ୍ଥଳଭାଗ ଛୁଇଁବା (ଲ୍ୟାଣ୍ଡଫଲ) ପ୍ରକ୍ରିୟା ଶୁକ୍ରବାର(ନଭେମ୍ବର ୨୦ ତାରିଖ) ସକାଳ ୭.୩୦ରୁ ୮.୩୦ ମଧ୍ୟରେ ଗୋପାଳପୁର ନିକଟରେ ହୋଇଥିଲା । ଏହା ପରେ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିଥିଲା । ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୭୦-୮୦ କିଲୋମିଟର ଥିଲା ଏବଂ ଏହା ଘଣ୍ଟା ପ୍ରତି ୯୦ କିଲୋମିଟର ବେଗରେ ଝଟକା ପବନ ରୂପେ ଅନୁଭୂତ ହୋଇଥିଲା । ସକାଳ ୮.୩୦ ସୁଦ୍ଧା, ଏହି ବାତ୍ୟାଟି ଗୋପାଳପୁର ନିକଟରେ, ଦକ୍ଷିଣ ଓଡ଼ିଶା ଉପକୂଳ ଏବଂ ଏହାକୁ ଲାଗି ରହିଥିବା ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ କେନ୍ଦ୍ରୀଭୂତ ହୋଇ ରହିଥିଲା । ଏହା କଳିଙ୍ଗପଟନମ୍‌ରୁ ପ୍ରାୟ ୧୨୦ କିଲୋମିଟର ଉତ୍ତର-ଉତ୍ତରପୂର୍ବରେ, ପୁରୀରୁ ୧୩୦ କିଲୋମିଟର ପଶ୍ଚିମ-ଦକ୍ଷିଣପଶ୍ଚିମରେ ଏବଂ ବିଶାଖାପାଟନମ୍‌ରୁ ୨୩୦ କିଲୋମିଟର ଉତ୍ତର-ଉତ୍ତରପୂର୍ବ ଦିଗରେ ଅବସ୍ଥିତ ଥିଲା । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁଯାୟୀ, ଏହି ବାତ୍ୟାଟି ଓଡ଼ିଶା ଉପରେ ଦେଇ ଉତ୍ତର-ଉତ୍ତରପୂର୍ବ ଦିଗକୁ ଗତି କରିଥିଲା । ପରବର୍ତ୍ତୀ ତିନି ଘଣ୍ଟା ମଧ୍ୟରେ ଏହା ଦୁର୍ବଳ ହୋଇ 'ଗଭୀର ଅବପାତ' ରେ ପରିଣତ ହୋଇଥିଲା । ପରେ ଆହୁରି ଦୁର୍ବଳ ହୋଇ ଏକ 'ଅବପାତ' ରେ ପରିଣତ ହେବ ବୋଲି ଆକଳନ କରାଯାଇଛି ।ବାତ୍ୟା ଉପକୂଳ ଅତିକ୍ରମ କରିବା ପରେ ଦକ୍ଷିଣ ଓଡ଼ିଶାରେ ବର୍ଷାର ତୀବ୍ରତା ହ୍ରାସ ପାଇଥିଲା । ପରବର୍ତ୍ତୀ ସମୟରେ ଆହୁରି ସୁଧାର ଆସିଥିଲା । ଗଞ୍ଜାମ, ଗଜପତି ଓ ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳରେ ଏବେ ବାତ୍ୟା ପରବର୍ତ୍ତୀ ସ୍ଥିତି ବିଶେଷକରି ଗଛ ଭାଙ୍ଗିବା, ବିଦ୍ୟୁତ୍ ସରବରାହରେ ବାଧା , ରାସ୍ତାଘାଟ ଓ ଜଳବନ୍ଦୀ ସମସ୍ୟା ଉପୁଜିଥିଲା। ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ବରିଷ୍ଠ ଅଧିକାରୀମାନେ ରାତି ସାରା କଣ୍ଟ୍ରୋଲ ରୁମରେ ଉପସ୍ଥିତର ରହି ବାତ୍ୟା ସ୍ଥିତି ପରିଚାଳନା କାର୍ଯ୍ୟ ତଦାରଖ କରିଥିଲେ । ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ବିଭିନ୍ନ ଜିଲ୍ଲାରେ ମୋଟ ୩ ଲକ୍ଷ ୭୨ ହଜାର ଲୋକଙ୍କୁ ବାତ୍ୟା-ବନ୍ୟା ତଥା ସୁରକ୍ଷିତ ଆଶ୍ରୟ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ପ୍ରାୟ ୧୦ ହଜାର ୦୧୦ ଜଣଙ୍କୁ ଆଶ୍ରୟ ସ୍ଥଳରେ ରଖାଯାଇଛି । ସର୍ବାଧିକ ଗଞ୍ଜାମ ଜିଲ୍ଲାରୁ ୧,୫୪,୨୯୦ ଜଣ, କେନ୍ଦ୍ରାପଡ଼ାରୁ ୫୧,୯୫୬ ଜଣ, ପୁରୀରୁ ୪୦,୨୯୫ ଜଣ, ଗଜପତିରୁ ୨୮,୬୯୩ ଜଣ ଏବଂ ଖୋର୍ଦ୍ଧାରୁ ୨୩,୦୬୧ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି । ଚିହ୍ନଟ ହୋଇଥିବା ୧୨,୨୯୪ ଜଣ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୪,୪୭୦ ଜଣଙ୍କୁ ଡାକ୍ତରଖାନା ଓ ମା' ଗୃହକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅଦ୍ୟାବଧି ୧,୪୫୦ ଜଣ ଶିଶୁ ଜନ୍ମଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବାହ୍ନ ୧୧.୪୫ ମିନିଟ ସମୟରେ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରରେ ପହଞ୍ଚି ବାତ୍ୟାର ଗତିପଥ ଓ ସ୍ଥିତି ଅନୁଧ୍ୟାନ କରିଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବିଭିନ୍ନ ବିଭାଗର ସଚିବ ଏହି ସମୟରେ ଉପସ୍ଥିତ ଥିଲେ ।

ଡିସେମ୍ବର ୩ ଓ ୪ରେ ହେବ ସିବିଟି ପରୀକ୍ଷା



ଭୁବନେଶ୍ୱର, ୨୦।୧୧: ରାଜ୍ୟ ଚୟନ ବୋର୍ଡ (ଏସ୍‌ଏସବି), ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ଥଗିତ ରହିଥିବା କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି)ର ନୂତନ ତାରିଖ ଘୋଷଣା କରାଯାଇଛି । ଏନେଇ ଏସ୍‌ଏସବି ପକ୍ଷରୁ ନଭେମ୍ବର ୨୦ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ, ନଭେମ୍ବର ୨୧ ତାରିଖରେ ହେବାକୁ ଥିବା ପରୀକ୍ଷା ଡିସେମ୍ବର ୩ ତାରିଖକୁ ଘୁଞ୍ଚାଯାଇଥିବା ବେଳେ ନଭେମ୍ବର ୨୩ ତାରିଖରେ ଧାର୍ଯ୍ୟ ପରୀକ୍ଷା ଡିସେମ୍ବର ୪ ତାରିଖରେ ଅନୁଷ୍ଠିତ ହେବ । ସେହିପରି, ନଭେମ୍ବର ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ପରୀକ୍ଷାର୍ଥୀଙ୍କ ପ୍ରବେଶପତ୍ର (ଆଡମିଟ୍ କାର୍ଡ) ନଭେମ୍ବର ୨୧ ତାରିଖ ରାତି ୮ଟାରୁ ଏସ୍‌ଏସଟିର ଅଧିକାରିକ ୱେବ୍‌ସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ଏସଏସବି ଓଡ଼ିଶା.ଏସି.ଇନ୍‌ରେ ଉପଲବ୍ଧ ହେବ । ପରୀକ୍ଷାର୍ଥୀମାନେ ୱେବସାଇଟ୍‌ରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ଲିଙ୍କ୍ ମାଧ୍ୟମରେ ନିଜର ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ । ପରୀକ୍ଷା ସମ୍ପର୍କିତ ପରବର୍ତ୍ତୀ ସୂଚନା ଓ ଅପଡେଟ୍ ପାଇଁ ପରୀକ୍ଷାର୍ଥୀ ମାନଙ୍କୁ ନିୟମିତ ଭାବେ ଏସ୍‌ଏସଟିର ଅଧିକାରିକ ୱେବସାଇଟ୍ ପରିଦର୍ଶନ କରିବାକୁ ବୋର୍ଡ ପକ୍ଷରୁ ପରାମର୍ଶ ଦିଆଯାଇଛି ।


ବଙ୍ଗୋପସାଗରରେ ଏକାଧିକ ବାତ୍ୟା କାହିଁକି ?

ଅବପାତରେ ପରିଣତ ହେଲା 'ଅକଓ୍ୱାନ': ଜେଟିଡବ୍ଲୁସି

ଭୁବନେଶ୍ୱର, ୨୦।୧୧: ବାତ୍ୟା ଅକଓ୍ୱାନ ଅବପାତରେ ପରିଣତ ହୋଇଛି । ଆମେରିକା ନୌସେନାର ଜେଟିଡବ୍ଲୁସିର ଗୁରୁବାର ରାତି ୨.୩୦ରେ ଚେତାବନୀ ନମ୍ବର ୦୧୩ ଜାରି କରି କହିଥିଲା "ଜେଟିଡବ୍ଲୁସି ପକ୍ଷରୁ ଏହି ସିଷ୍ଟମ୍ ଉପରେ ଏହା ହେଉଛି ଚୂଡ଼ାନ୍ତ ଚେତାବନୀ" । ଏହା ଉଲ୍ଲେଖ କରିଥିଲା, ଅକଓ୍ୱାନ ସମୁଦ୍ରରେ ହିଁ ଏକ ସାଧାରଣ ଲଘୁଚାପ / ଅବପାତ ପାଲଟି ଗଲା । ଏହା ଏବେ ଆଉ ବାତ୍ୟା ମାନଦଣ୍ଡ ପୂରଣ କରୁନାହିଁ।ଉପଗ୍ରହ ଯାଞ୍ଚରୁ ଜଣାପଡ଼ିଛି ଯେ ବାତ୍ୟାର କେନ୍ଦ୍ର ବହୁତ ଲମ୍ବା ଓ ଦୁର୍ବଳ ହୋଇଯାଇଛି । ସ୍ଥଳଭାଗ ଛୁଇଁବା ପୂର୍ବରୁ ଏହା ଆଉ ଶକ୍ତିଶାଳୀ ହେଇପାରିବ ନାହିଁ।ଆଗାମୀ ୧୨ ଘଣ୍ଟା ଭିତରେ ଭାରତ ଉପକୂଳରେ ସ୍ଥଳଭାଗ ଛୁଇଁବ, ତା'ପରେ ଉତ୍ତରକୁ ଯାଇ ଆହୁରି ଦୁର୍ବଳ ହୋଇଯିବ । ପବନ ବିପଦ ପ୍ରାୟ ଟଳିଛି, ହେଲେ ବର୍ଷା ବିପଦ ଅଛି । ଅପରପକ୍ଷେ ଆଇଏମଡି ଆକଳନ କରିଥିଲା ଶୁକ୍ରବାର ମଧ୍ୟାହ୍ନ ସୁଦ୍ଧା ଗୋପାଳପୁର ପାଖରେ ସ୍ଥଳଭାଗ ଛୁଇଁବ ଅକଓ୍ୱାନ । ପବନର ବେଗ ୯୦-୧୦୦ କି.ମି. ରହିବ । 'ଏପ୍ରିଲ୍-ମେ' ଓ ଅକ୍ଟୋବର-ନଭେମ୍ବର ହେଉଛି ବଙ୍ଗୋପସାଗରରେ ବାତ୍ୟା ସୃଷ ର ଦୁଇଟି ମୁଖ୍ୟ ସମୟ । ଏହା ମଧ୍ୟରେ ନଭେମ୍ବରରେ ବାତ୍ୟା ସମ୍ଭାବନା ଅଧିକ ରହିଥାଏ । ଏହା ସହିତ 'ମ୍ୟାଡେନ୍-ଜୁଲିଆନ୍ ଓସିଲେସନ୍' ନାମକ ଏକ ପ୍ରାକୃତିକ ପାଣିପାଗ ପ୍ରକ୍ରିୟା ମଧ୍ୟ ବାତ୍ୟା ସୃଷ୍ଟିକୁ ପ୍ରଭାବିତ କରେ । ଫଳରେ କିଛି ସପ୍ତାହ ବ୍ୟବଧାନରେ ଏକାଧିକ ବାତ୍ୟା ସୃଷ୍ଟି ହୋଇପାରେ । ସାଧାରଣତଃ ଅକ୍ଟୋବରରେ ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ, ନଭେମ୍ବରରେ ଆନ୍ଧ୍ରପ୍ରଦେଶ ଓ ଡିସେମ୍ବରରେ ତାମିଲନାଡୁ ଉପକୂଳରେ ବାତ୍ୟା ପ୍ରଭାବ ଅଧିକ ଦେଖିବାକୁ ମିଳେ । ତେଣୁ ମୌସୁମୀର ଆଗମନ ଓ ପ୍ରତ୍ୟାବର୍ତ୍ତନ ସହ ସମୁଦ୍ରର ପରିସ୍ଥିତି ହିଁ ବାତ୍ୟା ଋତୁର ମୁଖ୍ୟ କାରଣ ।

ମାସକରେ ସଂଘଟିତ ହେଲା ୩ ବାତ୍ୟା

ନୂଆଦିଲ୍ଲୀ, ୨୦।୧୧: ପ୍ରାୟ ଏକ ମାସ ମଧ୍ୟରେ ବଙ୍ଗୋପସାଗରରେ ସୃଷ୍ଟି ହୋଇ ଭାରତର ପୂର୍ବ ଉପକୂଳକୁ ପ୍ରଭାବିତ କରିଥିବା ତିନିଟି ବାତ୍ୟା ଅକଓ୍ୱାନ୍, ଅର୍ଣ୍ଣବ ଓ ମୁରାସୁର ରୂପ ଓ ପ୍ରଭାବ ଭିନ୍ନ ଥିଲା । ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଇନ୍‌ସାଟ୍-୩ଡିଏସ୍ ଉପଗ୍ରହରୁ ଉଠାଯାଇଥିବା ତାପୀୟ ଅବଲୋହିତ ଚିତ୍ରରେ ଏହି ତିନି ବାତ୍ୟାର ମେଘମାଳା, ଘୂର୍ଣ୍ଣିବଳୟର ଗଠନ ଓ ବିସ୍ତାରରେ ପାର୍ଥକ୍ୟ ସ୍ପଷ୍ଟ ହୋଇଛି । ଉପଗ୍ରହ ଚିତ୍ର ଅନୁଯାୟୀ, ତିନିଟି ବାତ୍ୟାର ମେଘମାଳାର ଗଠନ ଓ ଘନତ୍ୱ ଅଲଗା ଥିଲା । ଅର୍ଣ୍ଣବର ମେଘମାଳା ବ୍ୟାପକ ଅଞ୍ଚଳକୁ ଆଚ୍ଛାଦିତ କରିଥିବା ବେଳେ ମୁରାସୁର ମେଘମାଳା ତୁଳନାତ୍ମକ ଭାବେ ଛୋଟ ଅଞ୍ଚଳରେ ଘନୀଭୂତ ହୋଇଥିଲା । ଅନ୍ୟପକ୍ଷରେ ଅକଓ୍ୱାନର ମେଘମାଳା ଅସମାନ ଭାବେ ବିସ୍ତାରିତ ହୋଇଥିଲା ।



'ଏସସିଓ'ରେ ପ୍ରଧାନମନ୍ତ୍ରୀ ମୋଦୀ

ବିଶ୍ୱଶାନ୍ତିର ସବୁଠୁ ବଡ଼ ଗ୍ୟାରେଣ୍ଟି ସାଂସ୍କୃତିକ ସଂଯୋଗ

ନୂଆଦିଲ୍ଲୀ, ୨୦।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ନୂଆଦିଲ୍ଲୀର ଐତିହାସିକ 'ପୁରାନା କିଲା' (ପୁରୁଣା ଦୁର୍ଗ) ଠାରେ ପ୍ରଥମ 'ସାଂଘାଇ ସହଯୋଗ ସଂଗଠନ (ଏସସିଓ) ସଭ୍ୟତାଗତ ସଂଳାପ ମଞ୍ଚ'ର ଉଦ୍ଘାଟନ କରିଛନ୍ତି । ସେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇ କହିଲେ ଯେ, ଭାରତର ଆୟୋଜିତ ହେଉଥିବା ଏଭଳି ମଞ୍ଚ ଏହା ପ୍ରଥମ ଅଟେ । ସେ କହିଲେ, 'ଏହା ହେଉଛି ପ୍ରଥମ ଏସସିଓ ସଭ୍ୟତାଗତ ସଂଳାପ ମଞ୍ଚ (ସିଭିଲାଇଜେସନାଲ ଡାଏଲଗ ଫୋରମ) ଏବଂ ମୁଁ ଭାରତକୁ ଆସିଥିବା ସମସ୍ତ ଅତିଥିଙ୍କୁ ସ୍ୱାଗତ କରୁଛି । ବର୍ତ୍ତମାନ ଯେତେବେଳେ ବିଶ୍ୱସ୍ତରୀୟ ଆଲୋଚନାରେ ଯୁଦ୍ଧ ଏବଂ ଅଶାନ୍ତିର ପ୍ରସଙ୍ଗ ଅଧିକ ଚର୍ଚ୍ଚିତ ହେଉଛି, ସେତେବେଳେ ସାଂସ୍କୃତିକ ସମ୍ପର୍କ ଶାନ୍ତିର ସବୁଠାରୁ ଦୃଢ଼ ନିଶ୍ଚୟତା ପ୍ରଦାନ କରିଥାଏ । ଏହି କାରଣରୁ ଆଜିର ଏହି କାର୍ଯ୍ୟକ୍ରମ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇପାରିଛି ।' ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ ଯେ ଯୁଦ୍ଧ ନୁହେଁ, ସଭ୍ୟତା ସଂପର୍କରେ ଆଲୋଚନା ଜରୁରୀ । ବିଶ୍ୱ ଶାନ୍ତିର ସବୁଠାରୁ ବଡ଼ ଗ୍ୟାରେଣ୍ଟି ସାଂସ୍କୃତିକ ସଂଯୋଗ । ବିଶ୍ୱକୁ ଏସସିଓ ଦିଗଦର୍ଶନ ଦେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ସୂଚନାଯୋଗ୍ୟ ଯେ ଏସସିଓରେ ସଦସ୍ୟ ଭାବରେ ୧୦ ରାଷ୍ଟ୍ର ଅଛନ୍ତି ଓ ଏହି ସମ୍ମିଳନୀରେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ ।




ଗୃହ ଚାଲିଲା ମାତ୍ର ୧୧ ମିନିଟ

- ବନ୍ୟା ପରିଚାଳନା, କୋଟିଆ ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ
- ୨୩ ପର୍ଯ୍ୟନ୍ତ ଗୃହ ମୁଲତବି

ଭୁବନେଶ୍ୱର, ୨୦।୧୧: ଶୁକ୍ରବାର ସକାଳେ ଗୋପାଳପୁର ନିକଟରେ ବାତ୍ୟା 'ଅକଓ୍ୱାନ' ସ୍ଥଳଭାଗ ଅତିକ୍ରମ କରିଥିବା ପରିପ୍ରେକ୍ଷୀରେ ଓଡ଼ିଶା ବିଧାନସଭାର ଗୃହକାର୍ଯ୍ୟକୁ ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ବାଚସ୍ପତି ସୁରମା ପାଢ଼ୀ ବିଧାନସଭାରେ ଆଜି ୧୧.୩୫ ମିନିଟ ସମୟରେ ଏହି ଘୋଷଣା କରିଥିଲେ । ବାତ୍ୟାଜନିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନୁଷ୍ଠିତ ସର୍ବଦଳୀୟ ବୈଠକ ପରେ ଗୃହକାର୍ଯ୍ୟ ସ୍ଥଗିତ ରଖିବା ନିଷ୍ପତ୍ତି ହୋଇଛି । ଆସନ୍ତା ସୋମବାର, ନଭେମ୍ବର ୨୩ ତାରିଖରେ ବିଧାନସଭା ପୁନର୍ବାର ବସିବ । ଶୁକ୍ରବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ନାରାବାଜି ଓ ପ୍ରତିବାଦ ଆରମ୍ଭ କରିଥିଲେ । ଫଳରେ ଗୃହର କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିପାରି ନଥିଲା । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଗୃହର କାର୍ଯ୍ୟ ଆରମ୍ଭ ହୋଇଥିଲା । ବ୍ୟାନର ଓ ପ୍ଲାକର୍ଡ ଧରି ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ନିଜ ନିଜ ଦାବି ଉପରେ ଆଲୋଚନା କରାଇବାକୁ ଦାବି କରିଥିଲେ । ବିଜେଡି ବିଧାୟକମାନେ ରାଜ୍ୟସରକାରଙ୍କୁ ବନ୍ୟା ପରିଚାଳନାରେ ବିଫଳତା ନେଇ ଅଭିଯୋଗ କରିବା ସହ ବନ୍ୟା ପରିସ୍ଥିତି ଉପରେଗୃହରେ ତୁରନ୍ତ ଆଲୋଚନା କରାଇବାକୁ ଦାବି କରିଥିଲେ । ଅନ୍ୟପକ୍ଷରେ, କଂଗ୍ରେସ ବିଧାୟକମାନେ କୋଟିଆ ପ୍ରସଙ୍ଗ ଉଠାଇଥିଲା । ନାରାବାଜି ଜାରି କାରଣରୁ ଶୀତକାଳୀନ ଅଧିବେଶନର ତୃତୀୟ ଦିନ ମଧ୍ୟଗୃହରେ ପ୍ରଶ୍ନକାଳ କାର୍ଯ୍ୟ ହୋଇପାରିନଥିଲା । ଅଧିବେଶନ ମୋଟ ୧୧ ମିନିଟ ଚାଲିଥିଲା ।

ନଭେମ୍ବର ଶେଷ ସୁଦ୍ଧା ୭ ହଜାର ୯୧୮ ଜଣଙ୍କୁ ମିଳିବ ଭତ୍ତା



ଭୁବନେଶ୍ୱର, ୨୦।୧୧: ଆଧାର ଲିଙ୍କ୍ ଓ ବ୍ୟାଙ୍କ ଲିଙ୍କେଜ୍‌ରେ ସମସ୍ୟା ଯୋଗୁଁ ରାଜ୍ୟର ୭ ହଜାର ୯୧୮ ଜଣ ହିତାଧିକାରୀ ଭତ୍ତା ଟଙ୍କା ପାଇପାରିନାହାନ୍ତି । ଗତ ଏପ୍ରିଲରୁ ବିଭିନ୍ନ ମାସର ଭତ୍ତା ବକେୟା ରହିଛି । ତେବେ ଚଳିତ ନଭେମ୍ବର ଶେଷ ସୁଦ୍ଧା ସମସ୍ତ ବକେୟା ଭତ୍ତା ପ୍ରଦାନ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । ବିଧାନସଭାରେ ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ତଥ୍ୟ ରଖିଛନ୍ତି । ମନ୍ତ୍ରୀଙ୍କ ଲିଖିତ ଉତ୍ତର ଅନୁସାରେ, ଇନ୍ଦିରା ଗାନ୍ଧୀ ଜାତୀୟ ଭତ୍ତା ଯୋଜନାରେ ରାଜ୍ୟରେ ମୋଟ ୨୦ ଲକ୍ଷ ୩୩ ହଜାର ୯୫୯ ଜଣ ହିତାଧିକାରୀ ରହିଛନ୍ତି । ତେବେ ଏହି ବୃହତ୍ ହିତାଧିକାରୀ ତାଲିକାରୁ ୭ ହଜାର ୯୧୮ ଜଣଙ୍କ ଭତ୍ତା ଟଙ୍କା ବିଭିନ୍ନ ମାସରେ ସେମାନଙ୍କ ବ୍ୟାଙ୍କ ଖାତାକୁ ଯାଇପାରିନାହିଁ ।

ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ: ୩ ଡାକ୍ତର ନିଲମ୍ବିତ

ଭୁବନେଶ୍ୱର, ୨୦।୧୧: ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ୩ ଜଣ ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିଲମ୍ବନ କରିଛି । ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ବିଚାରାଧୀନ ଥିବା ଦର୍ଶାଇ ବିଭାଗ ପକ୍ଷରୁ ଏହି ନିଲମ୍ବନ ଆଦେଶ ଜାରି ହୋଇଛି । ଏଥିରେ ଗଞ୍ଜାମ ଜିଲ୍ଲାର ୨ ଜଣ ଏବଂ ଖୋର୍ଦ୍ଧା ଜିଲ୍ଲାର ଜଣେ ଡାକ୍ତର ଅଛନ୍ତି । ବିଭାଗ ପକ୍ଷରୁ ନଭେମ୍ବର ୧୩ ତାରିଖରେ ଜାରି ଆଦେଶ ଅନୁସାରେ, ଗଞ୍ଜାମ ଜିଲ୍ଲା ବଡ଼ଗଡ ସିଏଚ୍‌ସି ଅଧୀନ ଗଜଲବାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ମେଡିକାଲ ଅଫିସର ଡାକ୍ତର ତମନ୍ନା ପ୍ରିୟଦର୍ଶିନୀ ଏବଂ ଆସିକା ଉପଖଣ୍ଡ ଡାକ୍ତରଖାନାର ମେଡିକାଲ ଅଫିସର ଡାକ୍ତର ସୁପ୍ରକାଶ ଦାସଙ୍କୁ ନିଲମ୍ବନ କରାଯାଇଛି ।



'ବଡ଼ କ୍ଷୟକ୍ଷତି କିମ୍ବା ଜୀବନହାନିର ଖବର ନାହିଁ'

- ମୟୂରଭଞ୍ଜ ଓ ବାଲେଶ୍ୱର ରେଡ୍ ଜୋନରେ ଅତିପ୍ରବଳ ବର୍ଷା ହୋଇପାରେ
- ଗଂଜାମ ପାତ୍ରପୁରରେ ସର୍ବାଧିକ ୨୦୯.୦ ମି.ମି. ବର୍ଷା ରେକର୍ଡ
- ଝାଡ଼ଖଣ୍ଡରୁ ପାଣି ନ ଆସିଲେ, ବିଶେଷ ପ୍ରଭାବ ପଡିବ ନାହିଁ



ଭୁବନେଶ୍ୱର, ୨୦।୧୧: ବାତ୍ୟା ଅକଓ୍ୱାନ ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହୋଇଛି ।ଆଜି ସକାଳେ ରାଜ୍ୟର ଗୋପାଳପୁର ଉପକୂଳ ନିକଟରେ ସ୍ଥଳଭାଗ ଛୁଇଁବା ପରେ ଘୂର୍ଣ୍ଣିଝଡ଼ ଅକଓ୍ୱାନ ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହୋଇଛି, ଏପର୍ଯ୍ୟନ୍ତ କୌଣସି ବଡ଼ କ୍ଷୟକ୍ଷତି କିମ୍ବା ଜୀବନହାନିର ଖବର ନାହିଁ ବୋଲି ରାଜ୍ୟ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ରାତି ସୁଦ୍ଧା ଲଘୁଚାପରେ ପରିଣତ ହୋଇ ଝାଡ଼ଖଣ୍ଡ ଆଡ଼କୁ ଅଗ୍ରସର ହେବ । ଫଳରେ ବାଲେଶ୍ୱର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ତେଣୁ ଆଗାମୀ ୨୪ ଘଣ୍ଟା ଗୁରୁତ୍ୱପୂର୍ଣ୍

ଭକ୍ତର ଡାକ ଶୁଣି ଭୋଜନ କରିବାକୁ ଆସିଥିଲେ ସ୍ୱୟଂ

ଭଗବାନ ବିଷ୍ଣୁ





ପୌରାଣିକ କଥା ଅନୁସାରେ, ଥରେ ମା' ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କୁ କହିଥିଲେ ଯେ ଆପଣ କେବେ ଦିନରାତି ଜାଗ୍ରତ ରହୁଛନ୍ତି ତ ଆଉ କେବେ ଦୀର୍ଘ ସମୟ ପାଇଁ ଶୋଇ ରହୁଛନ୍ତି। ଏହାଦ୍ୱାରା ଆପଣଙ୍କ ସେବାରେ ମୋତେ ମଧ୍ୟ ବିଶ୍ରାମ ମିଳୁନାହିଁ। ତେଣୁ ପ୍ରତିବର୍ଷ ନିର୍ଦ୍ଦିଷ୍ଟ ସମୟ ପାଇଁ ନିଦ୍ରା ଯିବାକୁ ସେ ଅନୁରୋଧ କରିଥିଲେ। ମା' ଲକ୍ଷ୍ମୀଙ୍କ କଥା ଶୁଣି ଭଗବାନ ବିଷ୍ଣୁ ହସି କହିଥିଲେ ଯେ ଏଣିକି ପ୍ରତିବର୍ଷ ବର୍ଷା ଋତୁରେ ଚାରି ମାସ ପାଇଁ ସେ ଯୋଗନିଦ୍ରାରେ ରହିବେ। ଏହି ସମୟକୁ ଚାତୁର୍ମାସ କୁହାଯିବ ଏବଂ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ସେ ଜାଗ୍ରତ ହେବେ।

ଏକାଦଶୀ ବ୍ରତ ପାଳନ

ଦେବଉତ୍ଥାପନୀ ଏକାଦଶୀ ସହ ଜଡ଼ିତ ଆଉ ଏକ ଲୋକପ୍ରିୟ କାହାଣୀରେ ଜଣେ ରାଜା ଓ ତାଙ୍କ ରାଜ୍ୟର ଜଣେ କର୍ମଚାରୀଙ୍କ କଥା ରହିଛି। ସେହି ରାଜ୍ୟରେ ରାଜାଙ୍କଠାରୁ ଆରମ୍ଭ କରି ପ୍ରଜା ପର୍ଯ୍ୟନ୍ତ ସମସ୍ତେ ଏକାଦଶୀ ବ୍ରତ ପାଳନ କରୁଥିଲେ। ଏହି ଦିନ କାହାକୁ ଶସ୍ୟଜାତୀୟ ଖାଦ୍ୟ ଦିଆଯାଉନଥିଲା। ଥରେ ଅନ୍ୟ ରାଜ୍ୟର ଜଣେ ବ୍ୟକ୍ତି ରାଜାଙ୍କ ପାଖରେ ଚାକିରି ମାଗିବାକୁ ଆସିଲେ। ରାଜା ତାଙ୍କୁ ଚାକିରି ଦେବା ସହ ଏକାଦଶୀ ଦିନ ଅନ୍ନ ମିଳିବ ନାହିଁ ବୋଲି ସର୍ତ୍ତ ରଖିଥିଲେ। ବ୍ୟକ୍ତି ଜଣକ ଏହି ସର୍ତ୍ତରେ ରାଜି ହୋଇଥିଲେ।

ନଦୀ କୂଳରେ ରୋଷେଇ

ଏକାଦଶୀ ଦିନ ତାଙ୍କୁ ଫଳାହାର ଦିଆଯାଇଥିଲା। କିନ୍ତୁ ଏଥିରେ ତାଙ୍କ ପେଟ ପୂରିନଥିଲା। ଶେଷରେ ସେ ରାଜାଙ୍କୁ ଅନ୍ନ ଦେବାକୁ ଅନୁରୋଧ କରିଥିଲେ। ରାଜାଙ୍କ ଅନୁମତି ପାଇ ସେ ଚାଉଳ, ଡାଲି ଓ ଅଟା ନେଇ ନଦୀ କୂଳକୁ ଯାଇ ରୋଷେଇ କରିଥିଲେ। ଖାଦ୍ୟ ପ୍ରସ୍ତୁତ ହେବା ପରେ ସେ ଭଗବାନ ବିଷ୍ଣୁଙ୍କୁ ଭୋଜନ କରିବା ପାଇଁ ଡାକିଥିଲେ। ଭକ୍ତର ନିଷ୍କପଟ ଡାକ ଶୁଣି ଭଗବାନ ବିଷ୍ଣୁ ଚତୁର୍ଭୁଜ ରୂପରେ ପ୍ରକଟ ହୋଇ ତାଙ୍କ ସହ ବସି ଭୋଜନ କରିଥିଲେ।

ହିନ୍ଦୁ ଧର୍ମରେ ଦେବଉତ୍ଥାପନୀ ଏକାଦଶୀର ବିଶେଷ ମହତ୍ତ୍ୱ ରହିଛି। କାର୍ତ୍ତିକ ମାସର ଶୁକ୍ଳପକ୍ଷ ଏକାଦଶୀକୁ ଦେବଉତ୍ଥାପନୀ ବା ପ୍ରବୋଧିନୀ ଏକାଦଶୀ କୁହାଯାଏ। ଧାର୍ମିକ ମାନ୍ୟତା ଅନୁସାରେ, ଏହି ଦିନ ଭଗବାନ ବିଷ୍ଣୁ ଚାରି ମାସର ଯୋଗନିଦ୍ରାରୁ ଜାଗ୍ରତ ହୁଅନ୍ତି ଏବଂ ଚାତୁର୍ମାସର ସମାପ୍ତି ହୁଏ। ୨୦୨୬ ନଭେମ୍ବର ୨୦ ତାରିଖ ଶୁକ୍ରବାର ଏହି ପର୍ବ ପାଳନ କରାଯାଉଛି। ଏହି ଦିନ ଭଗବାନ ବିଷ୍ଣୁଙ୍କ ପୂଜା ସହ ବ୍ରତକଥା ପାଠ ଓ ଶ୍ରବଣ କରିବାର ପରମ୍ପରା ରହିଛି।

ଭଗବାନଙ୍କୁ ନ ପାଇଲେ ନଦୀକୁ ଡେଇଁ ହାରିବେ ଜୀବନ

ପରବର୍ତ୍ତୀ ଏକାଦଶୀରେ ସେହି ବ୍ୟକ୍ତି ରାଜାଙ୍କଠାରୁ ଦୁଇଗୁଣ ଖାଦ୍ୟ ସାମଗ୍ରୀ ମାଗିଥିଲେ। ତାଙ୍କ କଥା ଶୁଣି ରାଜାଙ୍କ ସନ୍ଦେହ ହେବାରୁ ସେ ଗଛ ପଛରେ ଲୁଚି ଘଟଣା ଦେଖିବାକୁ ଲାଗିଲେ। ବ୍ୟକ୍ତି ଜଣକ ରୋଷେଇ କରି ଭଗବାନଙ୍କୁ ଡାକିଲେ, କିନ୍ତୁ ଭଗବାନ ଆସିଲେ ନାହିଁ। ଶେଷରେ ସେ ଭଗବାନଙ୍କୁ ନପାଇଲେ ନଦୀକୁ ଡେଇଁ ଜୀବନ ହାରିବେ ବୋଲି କହିଲେ। ଭକ୍ତର ଏପରି ନିଷ୍ଠା ଓ ସମର୍ପଣ ଦେଖି ଭଗବାନ ବିଷ୍ଣୁ ପୁଣି ପ୍ରକଟ ହୋଇ ତାଙ୍କ ସହ ଭୋଜନ କରିଥିଲେ। ଏହା ଦେଖି ରାଜା ବୁଝିପାରିଥିଲେ ଯେ ଈଶ୍ୱରଙ୍କୁ ପାଇବା ପାଇଁ କେବଳ ଆଡ଼ମ୍ବର ନୁହେଁ, ବରଂ ନିଷ୍କପଟ ଭକ୍ତି ଓ ଶ୍ରଦ୍ଧା ଆବଶ୍ୟକ।



ଧାର୍ମିକ ମାନ୍ୟତା ଅନୁସାରେ, ଦେବଉତ୍ଥାପନୀ ଏକାଦଶୀ ଦିନ ଭଗବାନ ବିଷ୍ଣୁଙ୍କ ପୂଜା ସହ ବ୍ରତକଥା ପାଠ କିମ୍ବା ଶ୍ରବଣ କରିବା ଶୁଭ ଫଳଦାୟକ। ଏହି ଦିନ ଭକ୍ତମାନେ ଉପବାସ ରଖିବା ସହ ତୁଳସୀ ପୂଜା ଓ ଦାନଧର୍ମ କରିଥାନ୍ତି। ଅନେକ ସ୍ଥାନରେ ଅବସରରେ ତୁଳସୀ ବିବାହ ମଧ୍ୟ ଆୟୋଜନ କରାଯାଏ। ଲୋକବିଶ୍ୱାସ ଅନୁସାରେ, ଏହି ବ୍ରତକଥା ଶ୍ରବଣ କଲେ ପାପକ୍ଷୟ ହେବା ସହ ଘରେ ସୁଖ, ଶାନ୍ତି ଓ ସମୃଦ୍ଧି ଆସେ।

ଧର୍ମମାସ କାର୍ତ୍ତିକ

କାର୍ତ୍ତିକମାସ ଏକ ଧର୍ମମାସ ଭାବରେ ସ୍ୱୀକୃତ। ଆମ ସଂସ୍କୃତିରେ ଯେଉଁ ଚାରିଟି ମାସ ଧର୍ମମାସ ବୋଲି ଶାସ୍ତ୍ର-ପୁରାଣରେ ବର୍ଣ୍ଣିତ ଅଛି, ତାହା ହେଉଛି- 'ଆ-କା-ମା-ବୈ', ଅର୍ଥାତ୍- ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ। ଏହି ଚାରିଟି ମାସ ମଧ୍ୟରୁ କାର୍ତ୍ତିକମାସ ଧର୍ମମାସ ଭାବରେ ସବୁଠୁ ବେଶୀ ପାଳିତ ହୋଇଥାଏ। ସଂଖ୍ୟାଧିକ ଜନସାଧାରଣ ନିରାମିଷ ବା ହବିଷ୍ୟାନ୍ନ ଭୋଜନ କରି, ସାରା ମାସ ଏହାକୁ ପାଳନ କରିଥାଆନ୍ତି। ସେଥିପାଇଁ କୁହାଯାଇଛି, କୃତ (ସତ୍ୟ) ଯୁଗ ପରି ଯୁଗ ନାହିଁ, ବେଦ ପରି ଶାସ୍ତ୍ର ନାହିଁ, ଗଙ୍ଗା ପରି ତୀର୍ଥ ନାହିଁ କି କାର୍ତ୍ତିକ ପରି ମାସ ନାହିଁ।



ମହାଦେବ ଦାସ ଓଡ଼ିଆରେ 'କାର୍ତ୍ତିକ ମାହାତ୍ମ୍ୟ' ରଚନା କରିଛନ୍ତି। ଏହା ବ୍ୟାସଦେବକୃତ ସଂସ୍କୃତ 'ପଦ୍ମପୁରାଣ' ଆଧାରିତ। କାର୍ତ୍ତିକମାସରେ କାର୍ତ୍ତିକବ୍ରତ ପାଳନ ଅବସରରେ, ଏହାକୁ ଶ୍ରଦ୍ଧା ଓ ଭକ୍ତି ସହିତ ପାଠ କରାଯାଇଥାଏ। ନୈମିଷାରଣ୍ୟରେ ମୁନିଗଣଙ୍କ ପ୍ରଶ୍ନରେ ସୂତମୁନି ଏହି ମାହାତ୍ମ୍ୟ କହିଛନ୍ତି। ୩୨ଟି ଅଧ୍ୟାୟରେ ଏହା ବର୍ଣ୍ଣିତ ହୋଇଛି। ଆଶ୍ୱିନ ଶୁକ୍ଳ ଏକାଦଶୀ ଦିନ କାର୍ତ୍ତିକବ୍ରତ ପାଳନ ପାଇଁ ସଂକଳ୍ପ କରିବା ପରେ, କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ବ୍ରତଧାରୀ ବା ହବିଷ୍ୟାଳିମାନେ ଏହି ମାହାତ୍ମ୍ୟ ପାଠ କରିଥାଆନ୍ତି ବା ଏହା ଶୁଣିଥାଆନ୍ତି। 'କାର୍ତ୍ତିକ ମାହାତ୍ମ୍ୟ'ର ପ୍ରଥମ ଅଧ୍ୟାୟ ଆରମ୍ଭ ହୋଇଛି ଭଗବାନ ବିଷ୍ଣୁଙ୍କ ସ୍ତବରୁ। ଏହି ଅଧ୍ୟାୟରେ, ଏହା ପରେ ରହିଛି 'ସ୍ନାନମନ୍ତ୍ର'। କାର୍ତ୍ତିକ ମାସରେ ପ୍ରାତଃସ୍ନାନକୁ ଅନେକ ମହତ୍ତ୍ୱ ଦିଆଯାଇଛି। ସେ ଦୃଷ୍ଟିରୁ ଏହି ମନ୍ତ୍ର ଗୁରୁତ୍ୱପୂର୍ଣ୍ଣ। ତାହା ପରେ ରହିଛି 'ଅର୍ଘ୍ୟମନ୍ତ୍ର'। ପ୍ରାତଃସ୍ନାନ ପରେ ଭଗବାନ ବିଷ୍ଣୁଙ୍କୁ ଇଚ୍ଛା ଓ ଶକ୍ତି ଅନୁସାରେ ଅର୍ଘ୍ୟଦାନ ନିମନ୍ତେ ଏହି ମନ୍ତ୍ର ଉଦ୍ଦିଷ୍ଟ। ଏହା କମଳାପତି, ଜଳଶାୟୀ, ହୃଷୀକେଶଙ୍କର ମନ୍ତ୍ର। କାରଣ, ଏହି ମାସରେ ଭଗବାନ ବିଷ୍ଣୁ ଜଳରେ ଅବସ୍ଥାନ କରିଥାଆନ୍ତି। ସେହି କମଳାପତି ବା ଲକ୍ଷ୍ମୀପତି ବିଷ୍ଣୁଙ୍କୁ ଭକ୍ତିରେ ଅର୍ଘ୍ୟଦାନ କଲେ ସେ ଓ ଲକ୍ଷ୍ମୀ ଉଭୟେ ତୁଷ୍ଟ ହୁଅନ୍ତି। ଏହି ମନ୍ତ୍ରରେ ହୃଷୀକେଶଙ୍କର ନାମ ଉଲ୍ଲେଖ ଅଛି, କାରଣ ସମସ୍ତ ଇନ୍ଦ୍ରିୟଙ୍କୁ ସଂଯମ କରି କାର୍ତ୍ତିକ ମାସରେ ଏହି ବ୍ରତ ପାଳନ କରାଯାଇଥାଏ।

ଯୁଧିଷ୍ଠିରଙ୍କ ସହ ସ୍ୱର୍ଗକୁ ଯାଇଥିଲା କିଏ ?

ମହାଭାରତର ଅନ୍ତିମ ପର୍ବରେ ଏପରି ଏକ ହୃଦୟସ୍ପର୍ଶୀ ଘଟଣା ବର୍ଣ୍ଣିତ ହୋଇଛି, ଯାହା ମଣିଷକୁ ଧର୍ମ, କର୍ତ୍ତବ୍ୟ, ଦୟା ଓ ମାନବିକତାର ପ୍ରକୃତ ଅର୍ଥ ବୁଝାଇଥାଏ। ପାଣ୍ଡବମାନଙ୍କ ମଧ୍ୟରେ ଜ୍ୟେଷ୍ଠ ଯୁଧିଷ୍ଠିର ଥିଲେ ସତ୍ୟ ଓ ଧର୍ମର ପ୍ରତୀକ। ତାଙ୍କ ଜୀବନର ଶେଷ ଯାତ୍ରା ବା ମହାପ୍ରସ୍ଥାନ ମଣିଷ ସମାଜ ପାଇଁ ଏକ ଅମୂଲ୍ୟ ଶିକ୍ଷା। ମହାଭାରତ ଯୁଦ୍ଧ ପରେ ଦୀର୍ଘ ବର୍ଷ ରାଜ୍ୟଶାସନ କରିବା ପରେ ଯୁଧିଷ୍ଠିର ରାଜପାଟ, ଧନସମ୍ପତ୍ତି ଓ ରାଜକୀୟ ସୁଖକୁ ତ୍ୟାଗ କରି ହିମାଳୟ ଅଭିମୁଖେ ମହାପ୍ରସ୍ଥାନ କରିଥିଲେ। ତାଙ୍କ ସହିତ ଚାରିଭାଇ ଭୀମ, ଅର୍ଜୁନ, ନକୁଳ, ସହଦେବ ଏବଂ ପତ୍ନୀ ଦ୍ରୌପଦୀ ମଧ୍ୟ ଯାତ୍ରା କରିଥିଲେ। କିନ୍ତୁ ଏହି କଠିନ ଯାତ୍ରାରେ ଜଣଙ୍କ ପରେ ଜଣେ ସମସ୍ତେ ରାସ୍ତାରେ ଦେହତ୍ୟାଗ କରିଥିଲେ। ପ୍ରଥମେ ଦ୍ରୌପଦୀ, ତା'ପରେ ସହଦେବ, ନକୁଳ, ଅର୍ଜୁନ ଓ ଶେଷରେ ଭୀମ ଭୂମିରେ ପତିତ ହୋଇଥିଲେ। ଯୁଧିଷ୍ଠିର କିନ୍ତୁ ନିଜ ଲକ୍ଷ୍ୟରୁ ବିଚଳିତ ନହୋଇ ଆଗକୁ ବଢ଼ି ଚାଲିଥିଲେ। କିନ୍ତୁ ଏହି ଯାତ୍ରାରେ ତାଙ୍କ ସହିତ ଶେଷ ପର୍ଯ୍ୟନ୍ତ ରହିଥିଲା ଏକ କୁକୁର। ସେହି କୁକୁରଟି ଯୁଧିଷ୍ଠିରଙ୍କ ପଛେ ପଛେ ଚାଲିଥିଲା। ତାଙ୍କର ନିଷ୍ଠା ଓ ସାଥୀପଣ ଦେଖି ଯୁଧିଷ୍ଠିର ମଧ୍ୟ ତାକୁ ଅବହେଳା କରିନଥିଲେ। ଶେଷରେ ଇନ୍ଦ୍ର ଦେବ ଦିବ୍ୟ ରଥ ନେଇ ଯୁଧିଷ୍ଠିରଙ୍କୁ ସ୍ୱର୍ଗକୁ ନେବା ପାଇଁ ଆସିଲେ। କିନ୍ତୁ ସେ କୁକୁରକୁ ସାଙ୍ଗରେ ନେବାକୁ ମନା କଲେ। ଏହା ଶୁଣି ଯୁଧିଷ୍ଠିର ସ୍ପଷ୍ଟ ଭାବରେ କହିଥିଲେ, ଯେଉଁ ପ୍ରାଣୀଟି ମୋର ଏହି ଦୁର୍ଗମ ଯାତ୍ରାରେ ମୋତେ ଛାଡ଼ିନାହିଁ, ତାକୁ ମୁଁ କିପରି ଅସହାୟ ଅବସ୍ଥାରେ ଛାଡ଼ିଦେବି ତାକୁ ତ୍ୟାଗ କରି ମୁଁ ସ୍ୱର୍ଗସୁଖ ଭୋଗ କରିପାରିବି ନାହିଁ। ଯୁଧିଷ୍ଠିରଙ୍କ ଏହି ଅଟଳ ଧର୍ମନିଷ୍ଠା ଦେଖି ସେହି କୁକୁରଟି ନିଜର ପ୍ରକୃତ ରୂପ ଧାରଣ କଲା। ସେ ଆଉ କେହି ନୁହେଁ, ସ୍ୱୟଂ ଧର୍ମଦେବ ବା ଯମରାଜ ଥିଲେ। ସେ ଯୁଧିଷ୍ଠିରଙ୍କୁ ପରୀକ୍ଷା କରିବା ପାଇଁ କୁକୁର ରୂପରେ ତାଙ୍କ ସହ ଯାତ୍ରା କରିଥିଲେ। ଏହିପରି ଯୁଧିଷ୍ଠିର ନିଜର ସତ୍ୟ, ଧର୍ମ ଓ କରୁଣାର ପରିଚୟ ଦେଇଥିଲେ। ଧାର୍ମିକ ଚେତନାର ଶିକ୍ଷା: ଏହି କାହାଣୀ ଆମକୁ ଏକ ମହତ୍ତ୍ୱପୂର୍ଣ୍ଣ ସନ୍ଦେଶ ଦିଏ। ଧର୍ମ କେବଳ ପୂଜାପାଠ, ଯଜ୍ଞ, ତପସ୍ୟା କିମ୍ବା ତୀର୍ଥଯାତ୍ରାରେ ସୀମିତ ନୁହେଁ। ଅନ୍ୟର ଦୁଃଖ ବୁଝିବା, ଅସହାୟକୁ ସାହାଯ୍ୟ କରିବା, ନିଜକୁ ବିଶ୍ୱାସ କରି ଆସିଥିବା ପ୍ରାଣୀକୁ ତ୍ୟାଗ ନକରିବା ହିଁ ପ୍ରକୃତ ଧର୍ମ। ଆଜିର ସମାଜରେ ମଣିଷ ସ୍ୱାର୍ଥ, ଧନ, ପ୍ରତିଷ୍ଠା ଓ କ୍ଷମତା ପଛରେ ଦୌଡୁଥିବା ବେଳେ ଯୁଧିଷ୍ଠିରଙ୍କ ଏହି ଘଟଣା ଆମକୁ ଆତ୍ମସମୀକ୍ଷା କରିବାକୁ ବାଧ କରେ। ଯେଉଁଠି ମଣିଷ ନିଜର ସ୍ୱାର୍ଥ ପାଇଁ ନିଜ ଲୋକଙ୍କୁ ମଧ୍ୟ ଭୁଲିଯାଉଛି, ସେଠାରେ ଜଣେ ରାଜା ଏକ ଅବଳା ପ୍ରାଣୀର ସାଥୀପଣକୁ ସମ୍ମାନ ଦେଇ ସ୍ୱର୍ଗସୁଖକୁ ମଧ୍ୟ ତୁଚ୍ଛ କରିଥିଲେ। ପ୍ରକୃତ ଧର୍ମ ମନ୍ଦିରରେ ନୁହେଁ, ମଣିଷର ହୃଦୟରେ ଥାଏ। ଯେଉଁ ହୃଦୟରେ ଦୟା, କରୁଣା, ସତ୍ୟ ଓ ବିଶ୍ୱାସ ରହିଛି, ସେହି ହୃଦୟ ହିଁ ପ୍ରକୃତ ସ୍ୱର୍ଗ।



କୈଳାଶ ଚନ୍ଦ୍ର ପଟ୍ଟନାୟକ
ମୋ-୯୯୩୬୪୩୩୧୬୬

କାଳିଆରେ... ତୁ ମୋ ଜିଇଁବାର ଆଶା

ପଲକ ପଡୁନଥିବା ଯାହାର ବିଶାଳ ଆଖିରେ ସାରା ବିଶ୍ୱ ସମାହିତ ହୁଏ । ଯାହାର ନାଲି ଅଧରରୁ କେବଳ ଖିଲିଖିଲି ହସ ଝରୁଥାଏ, କାନ ନଥାଇ ବି ଭକ୍ତର ଦୁଃଖ ବେଶ୍ ଭଲସେ ଶୁଣିପାରେ ସେ , ତା' ହାତ-ଗୋଡ଼ ନାହିଁ ବୋଲି ସେ ଅଧାଗଡ଼ା କିନ୍ତୁ ଗୁହାରି କଲେ ସବୁ ଜଟିଳ ସମସ୍ୟାରୁ ମୁକୁଳାଇବା ପାଇଁ କେମିତି ଦୌଡ଼ି ଆସେ । ଛୁଆଁ, ଅଛୁଆଁ ଭେଦ ଭାବ କିଛି ଦେଖେନି ସେଥିପାଇଁ ତ ସାରା ଜଗତ ପାଇଁ ସେ ସାଆନ୍ତ ବୋଲାଏ । 'କାଳିଆ'ରେ.. ତୁ ଏମିତି ଏକ କଷ୍ଟସାଧ୍ୟ ଅଙ୍କ ଯାହାକୁ କେହି କେବେ କଷି ପାରିନି । ତୁ ମୋ ଜୀବନର ଜ୍ୟାମିତି ଭଳି, ତୋତେ ଯେତେ ବୁଝିବାକୁ ଚେଷ୍ଟା କରୁଛି ତୋ ସହ ସେତେ ନୂଆ ନୂଆ ସମ୍ପର୍କର ସୂତ୍ର ଯୋଡ଼ି ହୋଇଯାଉଛିରେ ଜଗା । ତୋର ସେ ଚକା ଚକା ଆଖିରେ ତୁ ଚାରିଆଡ଼େ ଚାହୁଁଥାଉ ଆଉ ମୁଁ ଯୁଆଡ଼େ, ଯେମିତି ଦେଖିଲେ ଲାଗେ ତୁ ଖାଲି ମୋତେ ଚାହିଁଛୁ । ଏମିତି କେମିତିରେ କାଳିଆ ? ଓଃ ତୁ ସେଇଥିପାଇଁ ଚକାନୟନ ବୋଲାଉଛୁ...



ତୋ ପାଖରେ ଅଳି ଅର୍ଦ୍ଧଳି କିଛି କରିବାକୁ ପଡ଼େନି । ତୁ ଭକ୍ତର ଭାବନାକୁ ବୁଝିଯାଉ ହଁ ବେଶ୍ ଭଲଭାବେ ବୁଝିଯାଉ । ସେଥିପାଇଁ କିଏ ତୋତେ ଭାବବିନୋଦିଆ କୁହେ ତ ଆଉ କିଏ ପ୍ରେମରେ କଳା କଳେବର କହ୍ନେଇ ଡାକେ । ପତିତଜନଙ୍କୁ ଉଦ୍ଧାରିବା ପାଇଁ ପତିତପାବନ ବି ନାଁ ତୋର । ଘୋଷଯାତ୍ରାରେ ଘରଘର ନାଦ କରି ଗଡୁଥିବା ତୋ ରଥକୁ ଛୁଇଁଦେଲେ ଜୀବନ ଧନ୍ୟ ହୋଇଯାଏ ବୋଲି ସାତ ଦରିଆ ପାରି ହୋଇ ଫି ବରଷ ଧାଇଁ ଆସେ ମୁଁ । ତୋର ସେ ଚୋରା ଚାହାଣୀରେ ମୋ ଚିତ୍ତ ଚୋରି କରିନେଇଛୁରେ କାଳିଆ । ଏମିତି କେମିତି କିମିଆ କରିଛୁ କହିଲୁ...

ମୁଁ ତୋ ପାଇଁ ଦାସିଆ ବାଉରୀ କି ସୁଦାମା ନହୋଇପାରେ । ହେଲେ ଜାଣିଛୁ ବିଶ୍ୱର ଏ ବଡ଼ଦାଣ୍ଡରେ ବରଷକୁ ଥରେ ଗଡୁଥିବା ତୋ ରଥକୁ ଛୁଇଁ ତୋ ମୋ ଭିତରେ ଥିବା ଦୂରତାକୁ କମାଇଦେବାକୁ ଚାହେରେ । ହଁ ତୁ ମୋତେ କୋଳେଇ ନେବୁ ମୁଁ ଜାଣିଛି କାରଣ ତୋ ଅଧରରେ ଟିକେ ହସ ଦେଖିବାକୁ ମୋତେ କୌଣସି ଧର୍ମର ଆଧାର କାର୍ଡ ଦରକାର ନାହିଁ କିମ୍ବା କୌଣସି ଜାତିର ପରିଚୟପତ୍ର ବି ଲୋଡ଼ା ନାହିଁ ।

ତୁ ରତ୍ନବେଦିରୁ ତୋ ମାନବୀୟ ଲୀଳାଖେଳା କରିବାକୁ ଆସିଛୁ । ବର୍ଷକ ଯାକ ଶ୍ରୀମନ୍ଦିରରେ ବସି ସବୁକିଛି ଦେଖୁ, ସବୁ କିଛି ଶୁଣୁ । ଏବେ ତୋର ଛୁଟି ସମୟ, ମାଉସୀ ମା' ଘର ବୁଲିବା ବାହାନାରେ ସତ କହିବୁ ତୁ ମୋ ପାଇଁ ଆସିଛୁ ନା ! ମୁଁ ଜାଣିଛି ତୁ ମୋତେ ମିଛ କହିବୁନି କି ନିରାଶ କରିବୁନି, ତୋତେ ଏତିକି ଗୁହାରି ତୋର ସେ ବିଶାଳ ବାହୁରେ ମୋତେ ଟିକେ ଜାବୁଡ଼ି ଧରିବୁ । ରଥ ଉପରେ ତୁ, ରଥ ପାଖେ ପାଖେ ମୁଁ । ଜଗାରେ ତୋର ଏ ନଅ ଦିନର ଯାତ୍ରା ମୋ ଜୀବନର ବହୁ ଅପେକ୍ଷା ଓ ଆବେଗର ଯାତ୍ରା ଭଳି । ତୋର ସେ ଅସୀମ ମେରୁ ଭିତରେ ମୋତେ ସମାହିତ କରିନେବୁ ।

ପୂଜା ସମୟରେ କରନ୍ତୁ ନାହିଁ

ଭୁଲ୍

ଭଗବାନଙ୍କୁ ପୂଜା କରିବା ପାଇଁ ଭକ୍ତି ଓ ଶ୍ରଦ୍ଧା ଆବଶ୍ୟକ। ଏହାସହିତ କିଛି ନିୟମ ମଧ୍ୟ ଅଛି, ଯାହାକୁ ମାନିବା ଉଚିତ। ପୂଜା କରିବା ସମୟରେ କିଛି ନିୟମ ଜାଣିରଖନ୍ତୁ। ଗଣେଶଙ୍କୁ ତୁଳସୀ, ଦେବୀ ଦୁର୍ଗାଙ୍କୁ ଦୂବ ଏବଂ ସୂର୍ଯ୍ୟଙ୍କୁ ବେଲପତ୍ର ଅର୍ପଣ କରନ୍ତୁ ନାହିଁ। ଘିଅ ଦୀପକୁ ସବୁବେଳେ ଡାହାଣ ପଟରେ ଏବଂ ଭଗବାନଙ୍କୁ ପୂଜା କରିବା ପାଇଁ ଭକ୍ତି ଓ ଶ୍ରଦ୍ଧା ଆବଶ୍ୟକ। ଏହାସହିତ କିଛି ନିୟମ ମଧ୍ୟ ଅଛି, ଯାହାକୁ ମାନିବା ଉଚିତ। ପୂଜା କରିବା ସମୟରେ ଅଜାଣତରେ ଏମିତି ଅନେକ କିଛି ଭୁଲ୍ ହୋଇଯାଏ ଯାହାର ପରିଣାମ ହୁଏତ ବିଷମ ହୋଇପାରେ।

ପୂଜା କରିବା ସମୟରେ କିଛି ନିୟମ

- ଗଣେଶଙ୍କୁ ତୁଳସୀ, ଦେବୀ ଦୁର୍ଗାଙ୍କୁ ଦୂବ ଏବଂ ସୂର୍ଯ୍ୟଙ୍କୁ ବେଲପତ୍ର ଅର୍ପଣ କରନ୍ତୁ ନାହିଁ।
- ଘିଅ ଦୀପକୁ ସବୁବେଳେ ଡାହାଣ ପଟରେ ଏବଂ ତେଲ ଦୀପକୁ ବାମ ପଟରେ ରଖିବା ଉଚିତ। ଜଳପାତ୍ର, ଧୂପଦାନି ଓ ଘଣ୍ଟିକୁ ବାମ ପାଖରେ ରଖନ୍ତୁ।
- ଦେବାଦେବୀଙ୍କୁ ସ୍ନାନ କରିବା ପରେ ଅନାମିକା ଆଙ୍ଗୁଠିରେ ଚନ୍ଦନ ତିଳକ ଲଗାନ୍ତୁ।
- ଗଣେଶ, ହନୁମାନ ଓ ମା' ଦୁର୍ଗାଙ୍କ ମୂର୍ତ୍ତିରୁ ସିନ୍ଦୂର ନେଇ ମଥାରେ ଲଗାନ୍ତୁ ନାହିଁ।
- ଆଳତି କରିବା ସମୟରେ ଗୋଟିଏ ଦୀପରୁ ଆଉ ଗୋଟିଏ ଦୀପ, ଧୂପ ଓ କର୍ପୂର ଲଗାନ୍ତୁ ନାହିଁ।
- ପୂଜାସାମଗ୍ରୀ ପାଖରେ ନଥିଲେ, ଫୁଲ କିମ୍ବା ଅକ୍ଷତ ଅର୍ପଣ କରନ୍ତୁ।



କାଲିମେଳାରେ ୩୯୦ ଭାରତୀୟ ଫ୍ଲାପ୍-ସେଲ୍ କଇଁଛ ଜବତ

ମାଲକାନଗିରି,(ନିପ୍ର): ବ୍ୟବସାୟ ଉଦ୍ଦେଶ୍ୟରେ ଭାରତୀୟ ଫ୍ଲାପ୍-ସେଲ୍ କଇଁଛଗୁଡ଼ିକର ବେଆଇନ ରଖିବା ଏବଂ ପରିବହନ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ, କାଲିମେଳା ସେକ୍ସନ କର୍ମଚାରୀଙ୍କ ଏକ ଦଳ ଏମ୍‌ପିଭି-୭୪, କୁୟାର ସାହି ନିକଟରେ ଏକ ଚଢ଼ାଉ କରିଥିଲେ। ସେଠାରେ ଓଆର୍-୦୨-ଏଜେ-୧୪୧୦ ପଞ୍ଜୀକରଣ



ନମ୍ବର ବିଶିଷ୍ଟ ଏକ ସନ୍ଦେହଜନକ ମହିନ୍ଦ୍ରା ବୋଲେରୋ ଗାଡ଼ିକୁ ଅଟକାଯାଇଥିଲା। ତେବେ ଗାଡ଼ି ଚାଳକ ଜଣକ ଗାଡ଼ିଟିକୁ ଛାଡ଼ି ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଚଢ଼ାଉ ସମୟରେ, ୯ଟି ଅଖା ବସ୍ତାରେ ଭର୍ତ୍ତି ହୋଇଥିବା ୩୯୦ଟି ଭାରତୀୟ ଫ୍ଲାପ୍-ସେଲ୍ କଇଁଛ ସମେତ ଗାଡ଼ିଟିକୁ ଯଥାରୀତି ପ୍ରକ୍ରିୟାରେ ଜବତ କରାଯାଇ କାଲିମେଳା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି।ଫେରାର ଅଭିଯୁକ୍ତକୁ ଠାବ କରିବା ସହ କଇଁଛଗୁଡ଼ିକ କେଉଁଠାରୁ ଅଣାଯାଇଥିଲା ଏବଂ କେଉଁଠାକୁ ଚାଲାଣ କରାଯାଉଥିଲା ସେ ନେଇ ଅଧିକ ତଦନ୍ତ ଜାରି ରହିଛି।

କୃଷ୍ଣପ୍ରସାଦ : ବାତ୍ୟା ପରବର୍ତ୍ତୀ ସମୟରେ ୨୫୮୩ ଜଣଙ୍କୁ ଖାଦ୍ୟ ବଣ୍ଟନ

କୃଷ୍ଣପ୍ରସାଦ,(ନିପ୍ର); ବାତ୍ୟା 'ଅକୱାନ'କୁ ନେଇ ସମଗ୍ର ପୁରୀ ଜିଲ୍ଲାରେ ଆତଙ୍କ ଖେଳିଯାଇଥିବା ବେଳେ ଏହାର ମୁକାବିଲା ପାଇଁ କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଲୋକଙ୍କ ଧନଜୀବନ ସୁରକ୍ଷାକୁ ପ୍ରାଥମିକତା ଦେଇ ବ୍ଲକର ବିଭିନ୍ନ ଅଞ୍ଚଳରୁ ୨୫୮୩ ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳୀ ଓ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ବ୍ଲକର ସମସ୍ତ ପଞ୍ଚାୟତରେ ଡାକବାଜି ଯନ୍ତ୍ର ଓ ସଭାସମିତି ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଥିଲା। ଯୋଗାଣ ବିଭାଗ ପକ୍ଷରୁ ଆବଶ୍ୟକ ଶୁଖିଲା ଖାଦ୍ୟ ପଞ୍ଚାୟତଗୁଡ଼ିକୁ ଯୋଗାଇ ଦିଆଯାଇ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଉଥିଲା। ଅନ୍ୟପକ୍ଷରେ ଚିଲିକା ଓ ସମୁଦ୍ରରେ ମାଛ ଧରିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ମତ୍ସ୍ୟଜୀବୀମାନେ ନିଜ ଡଙ୍ଗା ଓ ଜାଲକୁ ସୁରକ୍ଷିତ ଭାବେ ବାନ୍ଧି ରଖିଛନ୍ତି।



ଚିଲିକାରେ ସମସ୍ତ ଯାତ୍ରୀବାହୀ ଜଳଯାନ ଚଳାଚଳକୁ ମଧ୍ୟ ବନ୍ଦ କରାଯାଇଥିଲା।

ଲୋକଙ୍କ ସୁରକ୍ଷା ପାଇଁ ଅନିଚ୍ଛା ପ୍ରକାଶ କରୁଥିବା ଲୋକଙ୍କୁ ମଧ୍ୟ ବୁଝାଇ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ନିଆଯାଉଥିଲା।କୃଷ୍ଣପ୍ରସାଦ ଅଞ୍ଚଳରେ ଯେପରି ଗୋଟିଏ ମଧ୍ୟ ବାତ୍ୟାଜନିତ ମୃତ୍ୟୁ ନଘଟେ, ସେଥିପାଇଁ ବୁଧବାରଠାରୁ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ ନାୟକ, ବିଡିଓ ମହମ୍ମଦ ଆକବର, ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ତହସିଲଦାର ସହଦେବ ସାହୁ, ଆଇଆଇସି ଜୟନ୍ତ କୁମାର ସେଠୀ, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, ସିପି ପ୍ରଭାତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ଅମୀୟ କୁମାର ପଣ୍ଡା, ବେଗା ହାଁସଦା, ବିପ୍ଳବ କେଶରୀ ପ୍ରଧାନ, ବିପିନ ବିହାରୀ ମଙ୍ଗରାଜ, ଉମାକାନ୍ତ ମିଶ୍ର, ଅମିତ କୁମାର ତାଡ଼ ଓ ବ୍ଲକ ମତ୍ସ୍ୟ ଅଧିକାରୀ ରଞ୍ଜିତ ରାଉତ ପ୍ରମୁଖ ସମଗ୍ର ବ୍ଲକ ଅଞ୍ଚଳରେ ୨୪ ଘଣ୍ଟିଆ ତଦାରଖ ଓ ପାଟ୍ରୋଲିଂ କରୁଥିଲେ। ସେହିପରି ଯୋଗାଣ ନିରୀକ୍ଷକ ସଞ୍ଜ ଦର୍ଶନ ଦାସ ଓ ବ୍ଲକ ଡିଲର ସଂଘ ସଭାପତି ପ୍ରମୋଦ କୁମାର ପଲେଇଙ୍କ ନେତୃତ୍ୱରେ ସମସ୍ତ ପଞ୍ଚାୟତରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସତର୍କ ରହିବା ସହ ପ୍ରଶାସନର ନିର୍ଦ୍ଦେଶ ପାଳନ କରିବାକୁ ଅନୁରୋଧ କରାଯାଇଛି।

ପୁରୀରେ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ

ପୁରୀ,(ନିପ୍ର): ଦିନ ତମାମ ବର୍ଷା ଲାଗି ରହିଥିଲା ରାତି ସାରା ମଧ୍ୟ ବର୍ଷା ଲାଗି ରହିଥିବା ଯୋଗୁ ଜଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ଆଜି ମଧ୍ୟ ସକାଳୁ ତୁହାକୁ ତୁହା ବର୍ଷା ଲାଗି ରହିଥିଲା ଅପରାହ୍ନରେ ପାଗ ବଦଳି ଥିବା ଦେଖାଯାଏ ବାତ୍ୟା ଯୋଗୁ ସମୁଦ୍ର କୂଳ ଖାଁ ଖାଁ ଲାଗୁଛି ।

ସମୁଦ୍ର ଅଶାନ୍ତ ରହୁଥିବା ଯୋଗୁଁ ପର୍ଯ୍ୟଟକମାନଙ୍କୁ ସମୁଦ୍ରରେ ସ୍ନାନ ନ କରିବା ସହ ସମୁଦ୍ର କୂଳକୁ ନ ଯିବା ପାଇଁ ବାରଣ କରାଯାଇଥିଲା। ଫଳରେ କମ୍ ପର୍ଯ୍ୟଟକମାନେ ବୁଲୁଥିବାର ଦେଖାଯାଉଥିଲା। ସମୁଦ୍ର ରେ ଆଜି ମଧ୍ୟ ବଡ଼ ବଡ଼ ଲହଡ଼ି ଆସୁଥିବା ଏବଂ ସମୁଦ୍ର ମଧ୍ୟ ଆଜି ଅଶାନ୍ତ ରହିଛି । ମତ୍ସ୍ୟ ଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ବାରଣ କରାଯାଇଛି। ସମୁଦ୍ରରେ ଯେପରି କୌଣସି ଅଘଟଣ ନ ଘଟେ ପୋଲିସ୍ ପକ୍ଷରୁ ନଜର ରଖାଯାଇଛି । ୨୧ ତାରିଖ ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରକୁ ନ ଯିବା ପାଇଁ ସର୍ବସାଧାରଣଙ୍କୁ ବାରଣ କରାଯାଇଛି।

୬.୫୫ କୋଟିର ବସ୍‌ଷ୍ଟାଣ୍ଡ, ଯାତ୍ରୀଙ୍କୁ ମିଳୁନି ସେବା !

ନିର୍ମାଣ ସରିବାର ୬ ମାସ ପରେ ବି ଉଦ୍‌ଘାଟନ ଅପେକ୍ଷାରେ

ଗୋଲାମୁଣ୍ଡା,(ନିପ୍ର): ଯାତ୍ରୀଙ୍କୁ ଆଧୁନିକ ପରିବହନ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ୬ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟରେ ଗୋଲାମୁଣ୍ଡାରେ ନିର୍ମିତ ହୋଇଛି ଅତ୍ୟାଧୁନିକ 'ଆମ ବସ୍‌ଷ୍ଟାଣ୍ଡ'। ମାତ୍ର ନିର୍ମାଣ କାର୍ଯ୍ୟ ଶେଷ ହେବାର ପ୍ରାୟ ୬ ମାସ ବିତିଥିଲେ ମଧ୍ୟ ଏହା ଯାତ୍ରୀଙ୍କ ସେବାରେ ନିୟୋଜିତ ହୋଇପାରିନାହିଁ। ଫଳରେ କୋଟି କୋଟି ଟଙ୍କାର ଭିତ୍ତିଭୂମି ଥାଇ ମଧ୍ୟ ଯାତ୍ରୀମାନେ ପୂର୍ବଭଳି ରାସ୍ତାକଡ଼ରେ ବସ୍‌କୁ ଅପେକ୍ଷା କରିବାକୁ ବାଧ ହେଉଛନ୍ତି। କଳାହାଣ୍ଡି ଜିଲ୍ଲାର ଏକ ପ୍ରମୁଖ ବ୍ଲକ୍ ମୁଖ୍ୟାଳୟ ହେଉଛି ଗୋଲାମୁଣ୍ଡା। ପ୍ରତିଦିନ ବିଭିନ୍ନ ପଞ୍ଚାୟତ ଓ ଦୂରଦୂରାନ୍ତ ଗ୍ରାମରୁ ଶତାଧିକ ଲୋକ ଏଠାକୁ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ଛାତ୍ରଛାତ୍ରୀ, ମହିଳା, ବୃଦ୍ଧବୃଦ୍ଧା ଓ ରୋଗୀଙ୍କ ପାଇଁ ବସ୍ ଯାତାୟାତ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ମାଧ୍ୟମ। କିନ୍ତୁ ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇନଥିବାରୁ ଯାତ୍ରୀଙ୍କୁ ଖରା, ବର୍ଷା ଓ ଧୂଳିଧୂଆଁ ମଧ୍ୟରେ ରାସ୍ତାକଡ଼ରେ ଠିଆ ହୋଇ ବସ୍ ଅପେକ୍ଷା କରିବାକୁ ପଡୁଛି।

ବିଶେଷକରି ଛୋଟ ପିଲା ଓ ବୟସ୍କ ଯାତ୍ରୀ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ, ଉପଲବ୍ଧ ଟେଣ୍ଡର ଦସ୍ତାବିଜ ଅନୁଯାୟୀ, ବସ୍‌ଷ୍ଟାଣ୍ଡର ବାହ୍ୟ ବିଦ୍ୟୁତୀକରଣ କାର୍ଯ୍ୟ ପାଇଁ ୧୯ ଲକ୍ଷ ୬୭ ହଜାର ୯୫ ଟଙ୍କାର ଆକଳନ କରାଯାଇଥିଲା। ଓଡ଼ିଶା ରାଜ୍ୟ ପୋଲିସ୍ ହାଉସିଂ ଆଣ୍ଡ



ୱେଲଫେୟାର କର୍ପୋରେସନ୍ ଲିମିଟେଡ୍‌ର ଭୁବନେଶ୍ୱରସ୍ଥିତ ବୈଦ୍ୟୁତିକ ବିଭାଗ ପକ୍ଷରୁ ଏହି କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ହୋଇଥିଲା। ତେବେ ସମ୍ପୃକ୍ତ ବାହ୍ୟ ବିଦ୍ୟୁତୀକରଣ କାର୍ଯ୍ୟ ମଧ୍ୟ ଶେଷ ହୋଇଥିବା ଜଣାପଡ଼ିଥିବାରୁ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମରେ ବିଳମ୍ବର କାରଣ କ'ଣ, ତାହାକୁ ନେଇ ପ୍ରଶ୍ନ ଉଠିଛି। ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ମଧ୍ୟ ଏହା କାହିଁକି ଲୋକଙ୍କ ବ୍ୟବହାରକୁ ଆସିପାରୁନାହିଁ? ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଓ ବିଭାଗୀୟ ହସ୍ତାନ୍ତର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି କି? ଉଦ୍‌ଘାଟନ ପାଇଁ କେବେ ତାରିଖ ଧାର୍ଯ୍ୟ ହେବ? ଏଭଳି ଅନେକ ପ୍ରଶ୍ନ ଏବେ ଅଞ୍ଚଳବାସୀଙ୍କ ମନରେ ଉଠୁଛି। ଜନସାଧାରଣଙ୍କ ଟିକସ ଅର୍ଥରେ ନିର୍ମିତ ଏହି ପ୍ରକଳ୍ପ ଉଦ୍‌ଘାଟନୀ ଅପେକ୍ଷାରେ ସୀମିତ ନରହି ଯଥାଶୀଘ୍ର ଯାତ୍ରୀଙ୍କ ସେବାରେ ଲାଗିବା ଆବଶ୍ୟକ। ତେଣୁ ସମ୍ପୃକ୍ତ ବିଭାଗ ଏହାର ବର୍ତ୍ତମାନ ସ୍ଥିତି ସ୍ପଷ୍ଟ କରିବା ସହ କାର୍ଯ୍ୟକ୍ଷମ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଘୋଷଣା କରିବାକୁ ଦାବି ହେଉଛି ।

ବିସ୍କୁଟ୍ ଖୁଆଇ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ଅଭିଯୋଗ !

ରେଡ଼ାଖୋଲ,(ନିପ୍ର): କୃଷକଙ୍କ ସଶକ୍ତିକରଣ ଓ ଜଳବିଭାଜିକା ଉନ୍ନୟନ ପାଇଁ ଉଦ୍ଦିଷ୍ଟ ସରକାରୀ 'ରିଓ୍ୱାର୍ଡ' ପ୍ରକଳ୍ପ ନାଁରେ ରେଡ଼ାଖୋଲ ବ୍ଲକରେ ବ୍ୟାପକ ଅର୍ଥ ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି। ଲୋକଙ୍କୁ ସଚେତନତା ବୈଠକ ବାହାନାରେ ଏକତ୍ର କରି କେବଳ ଗୋଟିଏ ଲେଖାଏଁ ବିସ୍କୁଟ୍ ଦେଇ ୨୦୨୧ ବର୍ଷରୁ ୨୦୨୬ ଯାଏଁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିବା ସୂଚନା ଅଧିକାର ଆଇନ (ଆର୍ ଟି ଆଇ) ତଥ୍ୟରୁ ପଦାକୁ ଆସିଛି। ଏବେ ଗୁମର ଖୋଲିବା ଭୟରେ ସମ୍ପୃକ୍ତ ସଂସ୍ଥା ପ୍ରୋଜେକ୍ଟ ସରିଗଲା କହି ଅନ୍ୟତ୍ର ଖସି ପଳାଇବାକୁ ଉଦ୍ୟମ କରୁଥିବା କିଛି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଅଧୀନରେ ପରିଚାଳିତ 'ରିଓ୍ୱାର୍ଡ' ପ୍ରକଳ୍ପ ମାଧ୍ୟମରେ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଜଳ ସଂରକ୍ଷଣ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଜୀବିକା ବିକାଶ ନେଇ ସଚେତନ ଓ ସହାୟକ କରିବାକୁ ନିର୍ଦ୍ଦିଷ୍ଟ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଏହି ସଂସ୍ଥା ରେଡ଼ାଖୋଲ ବ୍ଲକ ଚାରମାଳ ପଞ୍ଚାୟତ କେଉଟିବାହାଲି ଗାଁରେ ଅଫିସ୍ ଖୋଲି ଚାରମାଳ, ବୁର୍ତ୍ତା, ଭରତାପୁର ଓ ତ୍ରିବଣପୁର ଆଦି ପଞ୍ଚାୟତରେ ପ୍ରାୟ ୬ଶହ ରୁ ଊର୍ଦ୍ଧ୍ୱ ବୈଠକ କରି ହାରାହାରି ୫୫ ଲକ୍ଷରୁ ଅଧିକ ଟଙ୍କା ହରିଲୁଟ୍ କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ସମାଜସେବୀଙ୍କ ଦ୍ୱାରା ମଗାଯାଇଥିବା ଆରଟିଆଇ ତଥ୍ୟ ଅନୁଯାୟୀ, ପ୍ରତି ବୈଠକରେ ୩୦ ଜଣ ଲୋକଙ୍କ ପାଇଁ ମିଲ୍, ଟିଫିନ୍, ଚା', କଫି, ପାଣି ବୋତଲ ଓ ବ୍ୟାନର



ବାବଦକୁ ୮ରୁ ୧୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବିଲ୍ କରାଯାଇଛି। ମାତ୍ର ବାସ୍ତବରେ ଗ୍ରାମବାସୀଙ୍କୁ କେବଳ ଗୋଟିଏ ଲେଖାଏଁ ବିସ୍କୁଟ୍ ଦେଇ ଏବଂ ଗୋଟିଏ ପୁରୁଣା ବ୍ୟାନରରେ ଗାଁର ନାଁ ଷ୍ଟିକର ମାରି ମାତ୍ର ୧ ହଜାର ଟଙ୍କା ଖର୍ଚ୍ଚ କରି ପ୍ରତି ମିଟିଂରୁ ୬ରୁ ୭ ହଜାର ଟଙ୍କା ପକେଟସ୍ଥ କରାଯାଇ ସେଗୁଡିକ ବିଲ୍ କରି ଲୁଟ୍ କରିଥିବା ଆର୍ ଟି ଆଇ ତଥ୍ୟ ଭିତ୍ତିକ ଜଣାପଡିଛି ।

କେବଳ ସେତିକି ନୁହେଁ, ଖଣ୍ଡାମ, ହରିପୁର, ଭତରା ଓ ବଡ଼ଖୋଲ ଆଦି ଗାଁରେ ହୋଇଥିବା ବୈଠକର ତଥ୍ୟରେ ବଡ଼ ଧରଣର ଜାଲିଆତି ଧରାପଡ଼ିଛି। ଗୋଟିଏ ତାରିଖ ଓ ସମାନ ସମୟରେ ଜଣେ ହିଁ ଟ୍ରେନର ଏକାଧିକ ଗାଁରେ ପ୍ରଶିକ୍ଷଣ ଦେଇଥିବା କାଗଜପତ୍ରରେ ଦର୍ଶାଯାଇଛି। ଏପରିକି ବୈଠକ ତାଲିକାରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କ ନାଁ ଥିବା ବେଳେ ପ୍ରଶିକ୍ଷଣ ସମୟ ଓ ଫଟୋ ଉଠାଯାଇଥିବା ସମୟ ମଧ୍ୟରେ କୌଣସି ତାଳମେଳ ନାହିଁ। ଅନ୍ୟପଟେ, ଦୁର୍ନୀତିର ତଥ୍ୟ ମାଗିଥିବା ଆବେଦନକାରୀଙ୍କୁ ହଇରାଣ କରିବାକୁ ଯାଇ କାଗଜ ପିଛା ୫ ଟଙ୍କା ଏବଂ କଲର୍ ଫଟୋ ବଦଳରେ ସାଧା କାଗଜରେ ପ୍ରିଣ୍ଟ ଦେଇ ପେପର୍ ପିଛା ୧୫୦ ଟଙ୍କା ହିସାବରେ ୧୫ ହଜାରରୁ ଅଧିକ ଟଙ୍କାର ରସିଦ୍ ଦିଆଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ କେଉଟିବାହାଲି ସ୍ଥିତ ଉକ୍ତ ସଂସ୍ଥାର ଅଧିକାରୀଙ୍କୁ ପଚରାଯିବାରୁ ସେ କୌଣସି ପ୍ରତିକ୍ରିୟା ନଦେଇ 'ଆମ ପ୍ରୋଜେକ୍ଟ ସରିଗଲା, ଆମେ ଅନ୍ୟତ୍ର ଯାଇ କାମ କରିବୁ' ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଶିକ୍ଷାଗତ ଅବ୍ୟବସ୍ଥା !

ଛାତ୍ର ଅସନ୍ତୋଷ, ପରୀକ୍ଷା ଫଳ ପ୍ରକାଶ ଦାବିରେ ଆନ୍ଦୋଳନ

ଭବାନୀପାଟଣା,(ନିପ୍ର): ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଏବଂ ଏହା ଅଧୀନସ୍ଥ ସମସ୍ତ ମହାବିଦ୍ୟାଳୟରେ ଦେଖାଦେଇଥିବା ଶିକ୍ଷାଗତ ଅବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ବନ୍ଦ କରିବା କରି ଧାରଣା ଦେଇଥିଲେ। ପରେ ବିଶ୍ୱବିଦ୍ୟାଳୟ ବାରଣ୍ଡାରେ ଧାରଣା ଦେଇ କାହାକୁ ବି ଭିତରକୁ ଛାଡିନଥିଲେ । ଆସନ୍ତା ୨୩ତାରିଖ ରେ ସ୍ନାତକ ୫ମ ସେମିଷ୍ଟର ଓ ୨୬ ନଭେମ୍ବର ରେ ସ୍ନାତକୋତ୍ତର ୩ୟ ସେମିଷ୍ଟର ପରୀକ୍ଷା ପାଇଁ ଧାର୍ଯ୍ୟକୁ ବିରୋଧ କରି ଛାତ୍ର ଛାତ୍ରୀ ନାରାବାଜି କରିଥିଲେ। ଏହି ସମୟସୂଚୀକୁ ସ୍ଥଗିତ ରଖିବା ସହ ପରୀକ୍ଷା ଘୁଞ୍ଚାଇବା ପାଇଁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି। ଅନେକ ବିଭାଗ ଓ ମହାବିଦ୍ୟାଳୟରେ ଏପର୍ଯ୍ୟନ୍ତ ପାଠ୍ୟକ୍ରମ ସମାପ୍ତ ହୋଇନଥିବାବେଳେ ସ୍ନାତକ ଓ ସ୍ନାତକୋତ୍ତର ପୂର୍ବ ସେମିଷ୍ଟର- ୨ର ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇନାହିଁ। ଏଥିସହ ବିଶ୍ୱବିଦ୍ୟାଳୟ ନିଜର ଏକାଡେମିକ୍ କ୍ୟାଲେଣ୍ଡର ଓ ୟୁଜିସି ନିର୍ଦ୍ଦେଶାବଳୀ ଅନୁସାରେ ଶିକ୍ଷାବର୍ଷ କାର୍ଯ୍ୟ ପରିଚାଳନା କରୁନଥିବାରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଉଛି ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ ଆଣିଛି। ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ କଲେଜ ମାନଙ୍କରେ ମଧ୍ୟ ପାଠ୍ୟକ୍ରମ ନସରିବା, ସମୟ ଅନୁସାରେ ପରୀକ୍ଷା ଓ ଫଳାଫଳ ପ୍ରକାଶିତ ନ ହେବା ଯୋଗୁଁ ଛାତ୍ର ଛାତ୍ରୀ ଚାପ ଗ୍ରସ୍ତ ହେବାସହ ଗୁଣାତ୍ମକ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଏଣୁ ଏଥିପାଇଁ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ପରୀକ୍ଷା ନିୟନ୍ତ୍ରକଙ୍କୁ ଦାୟୀକରି ଛାତ୍ର ଛାତ୍ରୀ ତାଙ୍କ ବିରୋଧରେ ନାରାବାଜି କରିବା ସହ ନ୍ୟାୟ ପ୍ରଦାନ ଦାବି କରିଥିଲେ। ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ କଲେଜର ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତିଙ୍କ ଉଦ୍ଦେଶ୍ୟରେ ମାଧ୍ୟମରେ ଏକ ଦାବିପତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି । ଏଥିରେ ଆଗାମୀ ପରୀକ୍ଷା ସୁଗିତ, ବକେୟା ପରୀକ୍ଷା ଫଳାଫଳ ତୁରନ୍ତ ପ୍ରକାଶ, ସମ୍ପୂର୍ଣ୍ଣ ପାଠ୍ୟକ୍ରମ ଶେଷ କରିବା ଏବଂ ନିର୍ଦ୍ଦିଷ୍ଟ ସମୟସୀମା ଘୋଷଣା କରିବାକୁ ଦାବି କରାଯାଇଛି । ଛାତ୍ରଛାତ୍ରୀଙ୍କ ଏହି ନ୍ୟାୟସଙ୍ଗତ ଦାବି ପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବା ସହ ଅନିର୍ଦ୍ଦିଷ୍ଟ କାଳୀନ ଅନଶନ ଭଳି ଗଣତାନ୍ତ୍ରିକ ଆନ୍ଦୋଳନ କରିବାକୁ କମିଟି ଚେତାବନୀ ଦେଇଛି ।

ସୋନପୁର ବୁଢ଼ାରଜା ଛକରୁ ୧ କୁଇଣ୍ଟାଲ ଗଞ୍ଜେଇ ଜବତ: ଅଭିଯୁକ୍ତ ଗିରଫ

ସୋନପୁର,(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା (ଡିଷ୍ଟ୍ରିକ୍ଟ ମୋବାଇଲ୍ ୟୁନିଟ୍, ସୋନପୁର) ପକ୍ଷରୁ ସୋନପୁର ଥାନା ଅନ୍ତର୍ଗତ ବୁଢ଼ାରଜା ଛକଠାରୁ ୧୦୦ କିଲୋଗ୍ରାମ (୧ କୁଇଣ୍ଟାଲ) ଗଞ୍ଜେଇ ଜବତ କରାଯାଇଛି। ବେଆଇନ ଭାବେ ଗଞ୍ଜେଇ ରଖିବା ଓ ଚାଲାଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯିବା ସହ ଚାଲାଣରେ ବ୍ୟବହୃତ ଏକ ଧଳା ରଙ୍ଗର ମହିନ୍ଦ୍ରା ବୋଲେରୋ ପିକଅପ୍ ଗାଡ଼ିକୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ବିହାର ରାଜ୍ୟ ବୈଶାଳୀ ଜିଲ୍ଲା ରାଘୋପୁର ଥାନା ଅନ୍ତର୍ଗତ ଚନ୍ଦାପୁରା ୱାର୍ଡ ନଂ-୦୮ର ଜଙ୍ଗଲୀ ରାୟଙ୍କ ପୁଅ ବୀରଚନ୍ଦ୍ର କୁମାର (୨୪)। ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତକାଲି (୧୯ ନଭେମ୍ବର) ଅପରାହ୍ନ ପ୍ରାୟ ୨ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ବୁଢ଼ାରଜା ଛକଠାରେ



ଏହି ଗିରଫଦାରୀ ଓ ଜବତ ପ୍ରକ୍ରିୟା ହୋ

ঘাসের চাহিদা ও ছাগলের ভোজ: চাষি ও ব্যবসায়ী মুখোমুখি

পদ্মডাঙা হাটে ঈদের আগে ঘাসের দাম দ্বিগুণ, ছাগল নিয়ে দূরের গ্রাম থেকে আসছেন ক্রেতারা

শনিবার, ১৫ ফাল্গুন ১৪৩০ | ২৭ শাবান ১৪৪৫ | ২৮ ফেব্রুয়ারি ২০২৪

প্রতিবেদন: তন্ময় কুমার সাহা

প্রচ্ছদ



ঈদের আগে পদ্মডাঙা হাটে ঘাস বিক্রি করছেন কৃষক আবদুল মান্নান সরদার। পেছনে ছাগল নিয়ে ক্রেতারা

ঈদুল আজহার আগে পদ্মডাঙা হাটে ঘাসের চাহিদা হঠাৎ বেড়ে গেছে। ছাগল কেনার জন্য দূরের গ্রাম থেকে ক্রেতারা আসছেন। সেই সুযোগে ঘাস বিক্রি করে লাভের মুখ দেখছেন কৃষকেরা। তবে অনেক খামারি অভিযোগ করেছেন, ঘাসের দাম বাড়ায় তাঁদের খরচ বেড়ে গেছে।

হাটের ইজারাদার কমিটি জানিয়েছে, ঈদের আগের তিন দিন হাটে ঘাস বিক্রির জন্য আলাদা জায়গা বরাদ্দ দেওয়া হবে। সেখানে ঘাস বিক্রেতাদের কাছ থেকে কোনো অতিরিক্ত ফি নেওয়া হবে না। কমিটির সভাপতি মো. আবদুল হাকিম মোল্লা বলেন, ‘ঘাস বিক্রেতারা যাতে ন্যায্য দাম পান, সেটা আমরা নিশ্চিত করতে চাই।’

ঈদের আগে পদ্মডাঙা হাটে ঘাসের চাহিদা হঠাৎ বেড়ে গেছে। ছাগল কেনার জন্য দূরের গ্রাম থেকে আসছেন ক্রেতারা। সেই সুযোগে ঘাস বিক্রি করে লাভের মুখ দেখছেন কৃষকেরা। তবে অনেক খামারি অভিযোগ করেছেন, ঘাসের দাম বাড়ায় তাঁদের খরচ বেড়ে গেছে।

হাটের ইজারাদার কমিটি জানিয়েছে, ঈদের আগের তিন দিন হাটে ঘাস বিক্রির জন্য আলাদা জায়গা বরাদ্দ দেওয়া হবে। সেখানে ঘাস বিক্রেতাদের কাছ থেকে কোনো অতিরিক্ত ফি নেওয়া হবে না। কমিটির সভাপতি মো. আবদুল হাকিম মোল্লা বলেন, ‘ঘাস বিক্রেতারা যাতে ন্যায্য দাম পান, সেটা আমরা নিশ্চিত করতে চাই।’ তিনি জানান, ঘাস বিক্রির জন্য ৩ নম্বর ফটকের পাশে ৫০ ফুট লম্বা একটি অস্থায়ী মাচা তৈরি করা হয়েছে।

সকাল ১০টার দিকে হাটে গিয়ে দেখা যায়, মাচার দুই পাশে সারি সারি ঘাসের আঁটি সাজানো। কোনো আঁটি মাথায় করে, কোনো আঁটি সাইকেলের পেছনে বেঁধে ক্রেতারা হাটে ঢুকছেন। কেউ কেউ ঘাস কিনে ফিরে যাচ্ছেন, আবার কেউ কিনছেন ছাগলের সঙ্গে। ঘাসের আঁটির দাম ছোট আঁটি ৩০ থেকে ৫০ টাকা, আর বড় আঁটি ১০০ থেকে ১৫০ টাকা পর্যন্ত।

ঘাস বিক্রেতা মো. রফিকুল ইসলাম (৪২) বলেন, তাঁর পরিবার তিন বিঘা জমিতে ঘাস চাষ করে। ঈদের আগে তাঁরা প্রতিদিন ৩০ থেকে ৪০ আঁটি ঘাস বিক্রি করছেন। তিনি বলেন, ‘আগে যে আঁটি ৩০ টাকায় বিক্রি করতাম, এখন সেটা ৫০ টাকা চাইছি। কারণ জমি চাষ, সার আর শ্রমিকের খরচ সবই বেড়েছে।’

অন্যদিকে ক্রেতা মো. সাইফুল আলম (৩৫) বলেন, তিনি ১২টি ছাগল কিনতে এসেছেন। তাঁর অভিযোগ, ঘাসের দাম বাড়ায় ছাগল কেনার খরচও বেড়ে গেছে। তিনি বলেন, ‘ঈদের আগে ঘাস একটু সস্তায় পাওয়া গেলে ভালো হতো। তবে হাটে ঘাস বিক্রির ব্যবস্থা থাকায় সুবিধা হয়েছে।’

হাটের ইজারাদার কমিটির সভাপতি মো. আবদুল হাকিম মোল্লা বলেন,

ফুলেশ্বর চাষিদের পলাশ ফুলে রঙিন বসন্ত

পুলা,৭০।৫৫ (বিপ্র); ট্রেজা ৭৩৭৫ থেন চাষিদাস ফাগুয়াতে পলা চাষিরা বল্লে চৈত্রমাসে খন বেঙালাগুলে পলাশ গাছগুলি ফুলে ফুলে লালে লাল হয়ে ওঠে। এই সময় চারপাশ টকটকে কমলা রঙে ছেয়ে যায়। এই ফুল তুলে চাষিরা বাড়িতে রং তৈরি করেন। এই রং দিয়ে তাঁরা ঘরের দেয়ালে আলপনা আঁকেন, কাপড়ে ছাপ দেন এবং বিভিন্ন উৎসবে ব্যবহার করেন। ফুলেশ্বর গ্রামের প্রবীণ চাষি সুধাময় বর্মন বলেন, ‘আমাদের ছোটবেলায় পলাশ ফুল তুলতে বনে যেতে হতো। এখন অনেক গাছ কেটে ফেলা হয়েছে, তাই ফুলও কমে গেছে।’ তিনি আরও জানান, ফুল তোলার সময় গাছের ডাল ভাঙা নিষেধ। কারণ ডাল ভাঙলে পরের বছর ফুল কম ফোটে।

ফুলেশ্বর কৃষি অফিসের উদ্যান কর্মকর্তা নীলিমা রানী সাহা বলেন, ‘পলাশ ফুলের রং প্রাকৃতিক এবং ত্বকের জন্য ভালো। আমরা চাষিদের ফুল সংগ্রহের সময় গাছ রক্ষার বিষয়ে সচেতন করছি।’ তিনি জানান, ফুলেশ্বর উপজেলা পরিষদ চাষিদের কাছ থেকে ফুল কিনে রং তৈরির একটি ছোট কারখানা স্থাপনের উদ্যোগ নিয়েছে।

স্থানীয় বাসিন্দা ও পরিবেশপ্রেমীরা মনে করছেন, ফুলেশ্বরের পলাশ শুধু ফুল নয়, এটি এলাকার ঐতিহ্য ও পরিচয়ের অংশ। তাঁরা চান, ফুল তোলার পাশাপাশি নতুন গাছ লাগানোর উদ্যোগও নেওয়া হোক, যাতে ভবিষ্যতেও এই রঙিন দৃশ্য ধরে রাখা যায়।

বাসন্তী রঙে বিষ্ণুমন্দির প্রাঙ্গণে ভক্তদের ঢল

চন্দ্রাবতী,৭০।৫৫ (বিপ্র): চন্দ্রাবতী পৌরসভা চত্বরে বসন্তোৎসব উপলক্ষে বুধবার সকাল থেকে ভক্তদের ঢল নামে। সকাল ৭টা থেকে বিষ্ণুমন্দির প্রাঙ্গণে ভক্তরা জড়ো হতে শুরু করেন। অনেকের পরনে ছিল বাসন্তী রঙের পোশাক, কপালে চন্দনের তিলক। মন্দির কমিটির সভাপতি অধ্যাপক সুবিমল ঘোষাল জানান, সকাল ৭টা ৩০ মিনিটে মঙ্গলারতি দিয়ে অনুষ্ঠান শুরু হয়। এরপর ৮টা থেকে ১২টা পর্যন্ত ভক্তদের মধ্যে খিচুড়ি ও বেগুনি প্রসাদ বিতরণ করা হয়।

দুপুর ১২টা ৩০ মিনিটে মন্দির প্রাঙ্গণে ফুলের রথে করে বিষ্ণুমূর্তি নিয়ে শোভাযাত্রা বের হয়। শোভাযাত্রা পৌরসভার সামনে দিয়ে ঘুরে আবার মন্দিরে ফিরে আসে। শোভাযাত্রায় ঢোল, খোল ও করতাল বাজিয়ে ভক্তরা নাম সংকীর্তন করেন। শোভাযাত্রার সামনে ছিল একটি ছোট ট্রাক, যার ওপর বসে ছিল ছয় বছর বয়সী শিশু কৃষ্ণ সাজা মেয়ে অনন্যা সাহা।

সাজা মেয়ে অনন্যা সাহা। ছবি: নিজস্ব

অনন্যার মা মৌসুমী সাহা বলেন, ‘মেয়ে নিজে থেকেই কৃষ্ণ সাজতে চেয়েছিল। আমরা ওর জন্য হলুদ ধুতি আর মুকুট বানিয়ে দিয়েছি।’ অনন্যা নিজে বলে, ‘রথে চড়ে ভালো লাগছিল, কিন্তু অনেক গরম লাগছিল।’ মন্দির কমিটির সাধারণ সম্পাদক তাপস কুমার দাস জানান, অনুষ্ঠানে প্রায় ৩ হাজার মানুষ অংশ নিয়েছেন। তিনি বলেন, ‘আমরা চেষ্টা করেছি যাতে কোনো ভক্ত ফিরে না যান। সে কারণে প্রসাদের পরিমাণ দ্বিগুণ করা হয়েছিল।’

পৌর মেয়র শিউলি রায় সকালে মন্দির পরিদর্শন করেন এবং বলেন, ‘বসন্তোৎসব এখন শুধু ধর্মীয় অনুষ্ঠান নয়, এটি আমাদের সংস্কৃতির অংশ হয়ে উঠেছে।’ তিনি ঘোষণা দেন, আগামী বছর থেকে উৎসবের দিন মন্দির প্রাঙ্গণে অস্থায়ী শৌচাগার বসানো হবে। পৌরসভা ওই দিন মন্দির এলাকায় অতিরিক্ত ৪টি আলোর ব্যবস্থাও করবে।

বাসন্তী রঙে বিষ্ণুমন্দির প্রাঙ্গণে ভক্তদের ঢল

চন্দ্রাবতী,৭০।৫৫ (বিপ্র): চন্দ্রাবতী পৌরসভা চত্বরে বসন্তোৎসব উপলক্ষে বুধবার সকাল থেকে ভক্তদের ঢল নামে। সকাল ৭টা থেকে বিষ্ণুমন্দির প্রাঙ্গণে ভক্তরা জড়ো হতে শুরু করেন। অনেকের পরনে ছিল বাসন্তী রঙের পোশাক, কপালে চন্দনের তিলক। মন্দির কমিটির সভাপতি অধ্যাপক সুবিমল ঘোষাল জানান, সকাল ৭টা ৩০ মিনিটে মঙ্গলারতি দিয়ে অনুষ্ঠান শুরু হয়। এরপর ৮টা থেকে ১২টা পর্যন্ত ভক্তদের মধ্যে খিচুড়ি ও বেগুনি প্রসাদ বিতরণ করা হয়েছে।

দুপুর ১২টা ৩০ মিনিটে মন্দির প্রাঙ্গণে ফুলের রথে করে বিষ্ণুমূর্তি নিয়ে শোভাযাত্রা বের হয়। শোভাযাত্রা পৌরসভার সামনে দিয়ে ঘুরে আবার মন্দিরে ফিরে আসে। শোভাযাত্রায় ঢোল, খোল ও করতাল বাজিয়ে ভক্তরা নাম সংকীর্তন করেন। শোভাযাত্রার সামনে ছিল একটি ছোট ট্রাক, যার ওপর বসে ছিল ছয় বছর বয়সী শিশু কৃষ্ণ সাজা মেয়ে অনন্যা সাহা।



অনন্যার মা মৌসুমী সাহা বলেন, ‘মেয়ে নিজে থেকেই কৃষ্ণ সাজতে চেয়েছিল। আমরা ওর জন্য হলুদ ধুতি আর মুকুট বানিয়ে দিয়েছি।’ অনন্যা নিজে বলে, ‘রথে চড়ে ভালো লাগছিল, কিন্তু অনেক গরম লাগছিল।’ মন্দির কমিটির সাধারণ সম্পাদক তাপস কুমার দাস জানান, অনুষ্ঠানে প্রায় ৩ হাজার মানুষ অংশ নিয়েছেন। সে কারণে প্রসাদের পরিমাণ দ্বিগুণ করা হয়েছিল।

পৌর মেয়র শিউলি রায় সকালে মন্দির পরিদর্শন করেন এবং বলেন, ‘বসন্তোৎসব এখন শুধু ধর্মীয় অনুষ্ঠান নয়, এটি আমাদের সংস্কৃতির অংশ হয়ে উঠেছে।’ তিনি ঘোষণা দেন, আগামী বছর থেকে উৎসবের দিন মন্দির প্রাঙ্গণে অস্থায়ী শৌচাগার বসানো হবে। পৌরসভা ওই দিন মন্দির এলাকায় অতিরিক্ত ৪টি আলোর ব্যবস্থাও করবে।

ফুলেশ্বর চাষিদের পলাশ ফুলে রঙিন বসন্ত

ফুলা,৭০।৫৫ (বিপ্র): ট্রেজা ৭৩৭৫ থেন চাষিদাস ফাগুয়াতে পলা চাষিরা বল্লে চৈত্রমাসে থন বেঙালাগুলে পলাশ গাছগুলি ফুলে ফুলে লালে লাল হয়ে ওঠে। এই সময় চারপাশ টকটকে কমলা রঙে ছেয়ে যায়। এই ফুল তুলে চাষিরা বাড়িতে রং তৈরি করেন। এই রং দিয়ে তাঁরা ঘরের দেয়ালে আলপনা আঁকেন, কাপড়ে ছাপ দেন এবং বিভিন্ন উৎসবে ব্যবহার করেন। ফুলেশ্বর গ্রামের প্রবীণ চাষি সুধাময় বর্মন বলেন, ‘আমাদের ছোটবেলায় পলাশ ফুল তুলতে বনে যেতে হতো। এখন অনেক গাছ কেটে ফেলা হয়েছে, তাই ফুলও কমে গেছে।’ তিনি আরও জানান, ফুল তোলার সময় গাছের ডাল ভাঙা নিষেধ। কারণ ডাল ভাঙলে পরের বছর ফুল কম ফোটে।

ফুলেশ্বর কৃষি অফিসের উদ্যান কর্মকর্তা নীলিমা রানী সাহা বলেন, ‘পলাশ ফুলের রং প্রাকৃতিক এবং ত্বকের জন্য ভালো। আমরা চাষিদের ফুল সংগ্রহের সময় গাছ রক্ষার বিষয়ে সচেতন করছি।’ তিনি জানান, ফুলেশ্বর উপজেলা পরিষদ চাষিদের কাছ থেকে ফুল কিনে রং তৈরির একটি ছোট কারখানা স্থাপনের উদ্যোগ নিয়েছে।

স্থানীয় বাসিন্দা ও পরিবেশপ্রেমীরা মনে করছেন, ফুলেশ্বরের পলাশ শুধু ফুল নয়, এটি এলাকার ঐতিহ্য ও পরিচয়ের অংশ। তাঁরা চান, ফুল তোলার পাশাপাশি নতুন গাছ লাগানোর উদ্যোগও নেওয়া হোক, যাতে ভবিষ্যতেও এই রঙিন দৃশ্য ধরে রাখা যায়।

হরিণাঞ্চর উৎসবে: নাসমধুর চক্ষু তবে যা তবিবেম ধ্বংস; বলে বলাে ম পাত্তিমুক্ত টিকে

ভবিষ্যৎ চাঁদ তবিষ্য তুলে তবিবেম ধ্বংস; বলে বলাে ম পাত্তিমুক্ত টিকে

হরিণাঞ্চর উৎসবে: নাসমধুর চক্ষু তবে যা তবিবেম ধ্বংস; বলে বলাে ম পাত্তিমুক্ত টিকে

ভবিষ্যৎ চাঁদ তবিষ্য তুলে তবিবেম ধ্বংস; বলে বলাে ম পাত্তিমুক্ত টিকে

হরিণাঞ্চর উৎসবে: নাসমধুর চক্ষু তবে যা তবিবেম ধ্বংস; বলে বলাে ম পাত্তিমুক্ত টিকে

ভবিষ্যৎ চাঁদ তবিষ্য তুলে তবিবেম ধ্বংস; বলে বলাে ম পাত্তিমুক্ত টিকে

হরিণাঞ্চর উৎসবে: নাসমধুর চক্ষু তবে যা তবিবেম ধ্বংস; বলে বলাে ম পাত্তিমুক্ত টিকে

ভবিষ্যৎ চাঁদ তবিষ্য তুলে তবিবেম ধ্বংস; বলে বলাে ম পাত্তিমুক্ত টিকে

হরিণাঞ্চর উৎসবে: নাসমধুর চক্ষু তবে যা তবিবেম ধ্বংস; বলে বলাে ম পাত্তিমুক্ত টিকে

ভবিষ্যৎ চাঁদ তবিষ্য তুলে তবিবেম ধ্বংস; বলে বলাে ম পাত্তিমুক্ত টিকে

হরিণাঞ্চর উৎসবে: নাসমধুর চক্ষু তবে যা তবিবেম ধ্বংস; বলে বলাে ম পাত্তিমুক্ত টিকে

ভবিষ্যৎ চাঁদ তবিষ্য তুলে তবিবেম ধ্বংস; বলে বলাে ম পাত্তিমুক্ত টিকে

ବିପଦରେ ୯ ଜାହାଜ

ସୁରକ୍ଷାକୁ ନେଇ କେନ୍ଦ୍ର ସରକାର ଆଲର୍ଟ



ନୂଆଦିଲ୍ଲୀ, ୨୦/୧୧: ହର୍ମୁଜ ପ୍ରଣାଳୀ ନିକଟରେ ଭାରତୀୟ ଜାହାଜଗୁଡ଼ିକର ସୁରକ୍ଷାକୁ ନେଇ କେନ୍ଦ୍ର ସରକାର ସତର୍କ ହୋଇଛନ୍ତି। ଏହି ଅଞ୍ଚଳରେ ଭାରତୀୟ ପତାକା ବହନ କରୁଥିବା ନଅଟି ଜାହାଜ ଉପରେ କଡ଼ା ନଜର ରଖାଯାଇଛି। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ସାମୁଦ୍ରିକ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋନୋୱାଲ ଗୁରୁବାର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ଭାରତୀୟ ଜାହାଜ ଓ ନାବିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ସେ ସମ୍ବେଦନଶୀଳ ସାମୁଦ୍ରିକ କ୍ଷେତ୍ରରେ ନଜର ରଖିବା ଓ ସୁରକ୍ଷା ସମ୍ବନ୍ଧୀୟ ସୂଚନାର ସମୟୋଚିତ ଆଦାନପ୍ରଦାନ ସୁନିଶ୍ଚିତ କରିବାକୁ ସାମୁଦ୍ରିକ ପ୍ରଶାସନ ମହାନିର୍ଦ୍ଦେଶାଳୟ (ଡିଜିଏମ୍‌ଏ)କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରଣାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ସୋନୋୱାଲ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାକୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ମଧ୍ୟରେ ସମ୍ବେଦନଶୀଳ ଓ ଦୁର୍ବଳ ସାମୁଦ୍ରିକ ଅଞ୍ଚଳରେ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବା। ସୁରକ୍ଷା ସମ୍ବନ୍ଧୀୟ ଚେତାବନୀ ଓ ପରାମର୍ଶ ସମୟରେ ଜାହାଜଗୁଡ଼ିକୁ ପ୍ରଦାନ କରିବା। ଜାହାଜ କମ୍ପାନି ଓ ଜାହାଜ ପରିଚାଳକଙ୍କ ସହିତ ନିୟମିତ ଯୋଗାଯୋଗ ବଜାୟ ରଖିବା। ସମ୍ଭାବ୍ୟ ବିପଦ ଓ ସେଗୁଡ଼ିକୁ ରୋକିବା ପାଇଁ ପଦକ୍ଷେପ ବିଷୟରେ ଭାରତୀୟ ନାବିକମାନଙ୍କୁ ସଚେତନ କରିବା। ବିଶ୍ୱର ବିଭିନ୍ନ ସ୍ଥାନରେ ବାଣିଜ୍ୟ ଜାହାଜ ଉପରେ ବାରମ୍ବାର ଆକ୍ରମଣକୁ ସୋନୋୱାଲ ଦୃଢ଼ ନିନ୍ଦା କରିଛନ୍ତି। ସେ ବିଶେଷକରି ଭାରତୀୟ ନାବିକମାନଙ୍କୁ ଟାର୍ଗେଟ କରି ଘଟୁଥିବା ଘଟଣା ଉପରେ ଚିନ୍ତା ପ୍ରକାଶ କରିଛନ୍ତି।

ଯୋଗୀ ଆଦିତ୍ୟନାଥଙ୍କ ମାତାଙ୍କ ପରଲୋକ



ଡେରାଡୁନ, ୨୦/୧୧: ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମାତା ସାବିତ୍ରୀ ଦେବୀଙ୍କର ଶୁକ୍ରବାର ଉତ୍ତରାଖଣ୍ଡର ପାଉରି ଗଢ଼ୱାଲ ଜିଲ୍ଲାର ପଞ୍ଜୁର ଗ୍ରାମଠାରେ ୯୧ ବର୍ଷ ବୟସରେ ପରଲୋକ ଘଟିଛି। ପାଉରି ଗଢ଼ୱାଲ ଏସ୍‌ଏସ୍‌ପି ସର୍ବେଶ ପାନ୍ୱାର ଏହି ଖବର ସ୍ପଷ୍ଟ କରିଛନ୍ତି। ଯୋଗୀଙ୍କ ମାତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଶନିବାର ହରିଦ୍ୱାରଠାରେ ସମ୍ପନ୍ନ କରାଯିବ। ପୁଲିସ ଓ ଜିଲ୍ଲା ପ୍ରଶାସନ ପରିବାର ସଦସ୍ୟଙ୍କ ସମ୍ପର୍କରେ ରହିଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ସାବିତ୍ରୀ ଦେବୀଙ୍କ ନିଧନରେ ଶୋକ ପ୍ରକାଶ କରିଛନ୍ତି, ଏହି ଖବରକୁ ଗଭୀର ଦୁଃଖଦ ଓ ହୃଦୟବିଦାରକ ବୋଲି ବର୍ଣ୍ଣନା କରିଛନ୍ତି। ଏକ ବାର୍ତ୍ତାରେ ଧାମି କହିଛନ୍ତି ଯେ, ଜଣେ ମାଆଙ୍କ ସ୍ନେହ, ଆଶୀର୍ବାଦ ଓ ଶ୍ରଦ୍ଧା ଜୀବନର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି ଓ ତାଙ୍କ ବିୟୋଗ ପରିବାର ପାଇଁ ଏକ ଅପୂରଣୀୟ କ୍ଷତି। ଦିବଂଗତ ଆତ୍ମାକୁ ଶାନ୍ତି ଦେବା ଓ ଯୋଗୀ ଆଦିତ୍ୟନାଥ ଏବଂ ତାଙ୍କ ପରିବାରକୁ ଏହି କ୍ଷତି ସହିବା ପାଇଁ ଶକ୍ତି ଦେବାକୁ ପ୍ରଭୁ କେଦାରନାଥଙ୍କୁ ପ୍ରାର୍ଥନା କରିଛନ୍ତି।

ବିଷାକ୍ତ ମଦ: ୩ ଦିନରେ ନେଲା ୧୧ ଜୀବନ

ଇମ୍ଫାଲ, ୨୦।୧୧: ମଣିପୁରର ଚାନ୍ଦେଲ ଜିଲ୍ଲାରେ ବିଷାକ୍ତ ମଦ ପିଇବା ପରେ ଗତ ତିନି ଦିନରେ ଅତି କମ୍‌ରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି, ଯେଉଁଥିରେ ଅଧିକାଂଶ ଯୁବକ ଏବଂ ମଧ୍ୟବୟସ୍କ ଥିବା ଜଣାପଡ଼ିଛି। ଅନ୍ତତଃ ୧୮୦ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚାନ୍ଦ ସିଂହ ବିଷାକ୍ତ ମଦ ପିଇବା ପରେ ଅସୁସ୍ଥ ହୋଇଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରିବା ପାଇଁ ଦୁଇଟି ଘରୋଇ ହସ୍ପିଟାଲ ଗସ୍ତ କରିଥିଲେ। ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ ହ୍ରାଙ୍ଗବୁଙ୍ଗ ବେରୁଙ୍ଗଙ୍ଗ ଅନଲ ନାମକ ଜଣେ ୫୦ ବର୍ଷୀୟ ବ୍ୟକ୍ତି ବୁଧବାର ରାତିରେ ନୁଙ୍ଗପାନ୍ ଗାଁରେ ତାଙ୍କ ବାସଭବନରେ ପ୍ରଥମେ ମୃତ୍ୟୁବରଣ କରିଥିଲେ। ପରବର୍ତ୍ତୀ ସମୟରେ, ଚାନ୍ଦେଲ ଜିଲ୍ଲାର ବିଭିନ୍ନ ଗ୍ରାମରେ ଗୁରୁବାର ଏବଂ ଶୁକ୍ରବାର ଆଉ ୧୦ ଜଣଙ୍କର ମୃତ୍ୟୁ ହୋଇଥିଲା।

ବିଜେପିକୁ ବଡ଼ ଝଟକା; ୩୧ରୁ କଂଗ୍ରେସ ଜିତିଲା ୨୧ ସିଟ

ଜୟପୁର, ୨୦/୧୧: ରାଜସ୍ଥାନରେ ଏକ ସ୍ଥାନୀୟ ନିର୍ବାଚନରେ ଭାରତୀୟ ଜନତା ପାର୍ଟିକୁ ଶକ୍ତ ଝଟକା ଲାଗିଛି। ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କ ଜିଲ୍ଲାରେ ବିଜେପିର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଏଠାରେ କଂଗ୍ରେସର ବଡ଼ ବିଜୟ ହାସଲ ହୋଇଛି। ଭରତପୁର ଜିଲ୍ଲା ପରିଷଦର ମୋଟ୍ ୩୧ଟି ଆସନରୁ କଂଗ୍ରେସ ୨୧ଟି ସିଟ୍‌ରେ ବିଜୟୀ ହୋଇଛି। ଅନ୍ୟପଟରେ ବିଜେପିକୁ ୯ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଗୋଟିଏ ସିଟ୍ ହନୁମାନ ବେନିୱାଲଙ୍କ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ପାର୍ଟି (ଆରଏଲ୍‌ପି) ଖାତାକୁ ଯାଇଛି। ବିଗତ ଜିଲ୍ଲା ପରିଷଦ ନିର୍ବାଚନରେ ବିଜେପି ୧୭ଟି ଆସନ ଜିତି ସବୁଠାରୁ ବଡ଼ ପାର୍ଟି ହୋଇଥିଲା। କଂଗ୍ରେସ ସେହି ସମୟରେ ୧୪ଟି ଆସନରେ ଜିତିଥିଲା। କିନ୍ତୁ ଏଥର ଚିତ୍ର ବଦଳିଛି। କଂଗ୍ରେସ କେବଳ ନିଜର ସ୍ଥିତି ପରିବର୍ତ୍ତନ କରି ନାହିଁ; ବରଂ ବିଜେପି ଠାରୁ ଜିଲ୍ଲା ପରିଷଦର ରାଜନୈତିକ ଅଗ୍ରଣୀ ଛଡ଼ାଇ ଆଣିଛି। ସଂଗୀତା, ରାଧା, ସତୀବୀର, ମିଥିଲେଶ, ପୂଜା କୁମାରୀ, ମୀରା ଦେବୀ, ମାନସିଂହ, ଦିନେଶ ଭାତରା ଏବଂ ରଘୁବରୀ ସିଂହ ବିଜେପି ଟିକେଟରେ ବିଜୟୀ ହୋଇଛନ୍ତି। ସେହିପରି ଅରବୀନ୍ଦ, ଚେତନ, ହରିସିଂହ, ହରବୀର ସିଂହ, ହିରାଚାନ୍ଦ, ସାବିତ୍ରୀ ଦେବୀ, ଅଶୋକ, ସ୍ୱପ୍ନା, ପ୍ରମୋଦ, ଅତର ସିଂହ, ରାନୁବାଲା, ସରୋଜ, ହରପ୍ୟାରୀ, ଅଂଜୁ କୁମାରୀ, ସୁମନ ଗୁର୍ଜର, ରେଖା କୁମାରୀ, ଓମବତୀ, ସାବିତ୍ରୀ, ବୋଦନ ସିଂହ କଂଗ୍ରେସ ଟିକେଟରେ ବିଜୟୀ ହୋଇଛନ୍ତି। ରାଷ୍ଟ୍ରୀୟ ଗଣତାନ୍ତ୍ରିକ ପାର୍ଟି ଟିକେଟରେ ରେଣୁ କୁମାରୀ ବିଜୟୀ ହୋଇଛନ୍ତି। ଜିଲ୍ଲା ପରିଷଦର ଏହି ମୁକାବିଲା ପଞ୍ଚାୟତ ସମିତିର ନିର୍ବାଚନ ଚିତ୍ର ଠାରୁ ଅଲଗା ଥିଲା। ପଞ୍ଚାୟତ ସମିତିରେ କଂଗ୍ରେସକୁ ଅନେକ କ୍ଷେତ୍ରରେ ଲାଭ ହୋଇଛି। କିନ୍ତୁ ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ବଡ଼ ସଂଖ୍ୟାରେ ବିଜୟ ହାସଲ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀମାନେ ରାଜ୍ୟର ପ୍ରମୁଖ ୨ଟି ଦଳର ସମର୍ଥିତ ପ୍ରାର୍ଥୀମାନଙ୍କୁ ପରାସ୍ତ କରିଛନ୍ତି।

ପାଲେଷ୍ଟାଇନ୍ ସମର୍ଥନରେ...

ଭାରତ ଜାତିସଂଘରେ ଦେଲା ଭୋଟ୍



ନୂଆଦିଲ୍ଲୀ/ନ୍ୟୁୟର୍କ, ୨୦/୧୧: ପାଲେଷ୍ଟାଇନର ଆତ୍ମନିର୍ଣ୍ଣୟ ଅଧିକାର ଓ ଶରଣାର୍ଥୀଙ୍କ ସୁରକ୍ଷା ନେଇ ଜାତିସଂଘ ସାଧାରଣ ପରିଷଦ (ୟୁଏନଜିଏ) ରେ ଆଗତ ଚାରୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସପକ୍ଷରେ ଭାରତ ଭୋଟ୍ ଦେଇଛି। ୧୯୩ ସଦସ୍ୟ ବିଶିଷ୍ଟ ଜାତିସଂଘ ସାଧାରଣ ପରିଷଦରେ ହୋଇଥିବା ମତଦାନରେ ଭାରତ ପାଲେଷ୍ଟାଇନବାସୀଙ୍କ ସ୍ୱାଧୀନ ରାଷ୍ଟ୍ର ଗଠନ ଅଧିକାର, ଶରଣାର୍ଥୀ ସଂସ୍ଥାର କାର୍ଯ୍ୟ ଜାରି ରଖିବା ଏବଂ ଅଧିକୃତ ଅଞ୍ଚଳରେ ଇସ୍ରାଏଲୀ ବସତି ସ୍ଥାପନକୁ ବେଆଇନ ଘୋଷଣା କରିବା ଭଳି ପ୍ରସ୍ତାବକୁ ସମର୍ଥନ ଜଣାଇଛି। ମତଦାନ ହୋଇଥିବା ପ୍ରଥମ ପ୍ରସ୍ତାବଟି ପାଲେଷ୍ଟାଇନ୍ ଲୋକଙ୍କ ଆତ୍ମନିର୍ଣ୍ଣୟ ଅଧିକାର ଏବଂ ଏକ ସ୍ୱାଧୀନ ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ସମ୍ପର୍କିତ ଥିଲା। ଏହି ପ୍ରସ୍ତାବ ସପକ୍ଷରେ ୧୬୨ଟି ଭୋଟ୍ ପଡ଼ିଥିବା ବେଳେ ବିପକ୍ଷରେ ୮ଟି ଭୋଟ୍ ପଡ଼ିଥିଲା। ଦ୍ୱିତୀୟ ପ୍ରସ୍ତାବଟି ପାଲେଷ୍ଟାଇନ୍ ଶରଣାର୍ଥୀଙ୍କ ପାଇଁ କାର୍ଯ୍ୟ କରୁଥିବା ଜାତିସଂଘ ସଂସ୍ଥା 'ୟୁଏନଆରଡବ୍ଲ୍ୟୁଏ'ର କାର୍ଯ୍ୟକୁ ନିରବଚ୍ଛିନ୍ନ ଭାବେ ଜାରି ରଖିବା ଉପରେ ଆଧାରିତ ଥିଲା। ଇସ୍ରାଏଲ ଏବଂ ଆମେରିକା ସମେତ ୯ଟି ଦେଶ ଏହାକୁ ବିରୋଧ କରିଥିବା ବେଳେ ଭାରତ ସମେତ ୧୪୩ଟି ଦେଶ ସପକ୍ଷରେ ମତ ଦେଇଥିଲେ। ସେହିପରି ପାଲେଷ୍ଟାଇନ୍ ଶରଣାର୍ଥୀଙ୍କ ସମ୍ପତ୍ତି ଏବଂ ସେଥିରୁ ମିଳୁଥିବା ରାଜସ୍ୱ ଉପରେ ସେମାନଙ୍କର ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଆଗତ ତୃତୀୟ ପ୍ରସ୍ତାବକୁ ମଧ୍ୟ ନୂଆଦିଲ୍ଲୀ ସମର୍ଥନ କରିଛି। ଏହି ପ୍ରସ୍ତାବଟି ୧୫୫ଟି ଭୋଟରେ ଗୃହୀତ ହୋଇଛି। ଚତୁର୍ଥ ପ୍ରସ୍ତାବରେ ପୂର୍ବ ଜେରୁଜେଲମ ସମେତ ଅଧିକୃତ ପାଲେଷ୍ଟାଇନ୍ ଅଞ୍ଚଳ ଏବଂ ସିରିଆର ଗୋଲାନ ହାଇଟ୍ସରେ ଇସ୍ରାଏଲର ବସତି ସ୍ଥାପନକୁ ବେଆଇନ ତଥା ଶାନ୍ତି ପ୍ରକ୍ରିୟାରେ ବାଧକ ବୋଲି ଦର୍ଶାଯାଇଛି।

ତାମିଲନାଡୁର ୧୧ ଟିଏମ୍‌ସି ଜଳ ଦାବି ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୦/୧୧: କାବେରୀ ନଦୀ ଜଳ ବଣ୍ଟନକୁ ନେଇ କର୍ଣ୍ଣାଟକ ଓ ତାମିଲନାଡୁ ମଧ୍ୟରେ ଚାଲିଥିବା ଦୀର୍ଘଦିନର ବିବାଦରେ ତାମିଲନାଡୁକୁ ଝଟ୍‌କା ଲାଗିଛି। କର୍ଣ୍ଣାଟକକୁ ଅତିରିକ୍ତ ୧୧ ହଜାର ନିୟୁତ ଘନଫୁଟ (ଟିଏମ୍‌ସି) କାବେରୀ ଜଳ ଛାଡ଼ିବାକୁ ନିର୍ଦ୍ଦେଶ ଦେବା ଲାଗି ତାମିଲନାଡୁ ସରକାର କରିଥିବା ଆବେଦନକୁ ଶୁକ୍ରବାର ସୁପ୍ରିମ୍‌କୋର୍ଟ ଖାରଜ କରିଦେଇଛନ୍ତି। ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ ଓ ଜଷ୍ଟିସ୍ ଅପରେଶ କୁମାର ସିଂହଙ୍କ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ତାମିଲନାଡୁ ସରକାରଙ୍କ ପକ୍ଷରୁ ଦାଖଲ ଦୁଇଟି ଆବେଦନକୁ ଖଣ୍ଡପୀଠ ଖାରଜ କରିବା ସହ ସେହିଦିନ ଦାଖଲ ହୋଇଥିବା ତୃତୀୟ ଆବେଦନକୁ ମଧ୍ୟ ଖାରଜ କରିବାକୁ କହିଛନ୍ତି। ତୃତୀୟ ଆବେଦନରେ କିଛି ଅତିରିକ୍ତ ଦସ୍ତାବିଜକୁ ରେକର୍ଡରେ ସାମିଲ କରିବାକୁ ତାମିଲନାଡୁ ଅନୁମତି ମାଗିଥିଲା। ତାମିଲନାଡୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ଯୁକ୍ତି ରଖି କହିଥିଲେ ଯେ ଚଳିତ ବର୍ଷ କମ୍ ବର୍ଷା ଯୋଗୁଁ ରାଜ୍ୟରେ କୃଷିକାର୍ଯ୍ୟ ପ୍ରଭାବିତ ହୋଇଛି। ଜୁଲାଇଠାରୁ କର୍ଣ୍ଣାଟକ ତାମିଲନାଡୁକୁ ପ୍ରାପ୍ୟ ଜଳ ଦେଇନାହିଁ। ଫଳରେ ପ୍ରାୟ ୧୧ ଟିଏମ୍‌ସି ଜଳର ଅଭାବ ରହିଛି। ଚାଷ ଜମିରେ ଫସଲକୁ ବଞ୍ଚାଇବା ପାଇଁ କର୍ଣ୍ଣାଟକକୁ ପ୍ରତିଦିନ ଅତିରିକ୍ତ ୧ ଟିଏମ୍‌ସି ଜଳ ଛାଡ଼ିବାକୁ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଥିଲେ। ସୁପ୍ରିମ୍‌କୋର୍ଟଙ୍କ ପୂର୍ବ ଜଳ ବଣ୍ଟନ ବ୍ୟବସ୍ଥା ଅନୁସାରେ ସ୍ୱାଭାବିକ ବର୍ଷା ବର୍ଷରେ କର୍ଣ୍ଣାଟକ ତାମିଲନାଡୁକୁ ୧୭୭ ଟିଏମ୍‌ସି ଜଳ ଦେବାକୁ ବାଧ୍ୟ। ତେବେ ବର୍ଷା ଅଭାବ ଥିବା ବର୍ଷରେ ଜଳ ଉପଲବ୍ଧତା ଅନୁସାରେ ଏହି ପରିମାଣ କମିପାରିବ। ତାମିଲନାଡୁର ଯୁକ୍ତି ଥିଲା, ଏହି ହ୍ରାସକୁ ହିସାବକୁ ନେବା ପରେ ମଧ୍ୟ ତାକୁ ୧୧ ଟିଏମ୍‌ସି ଜଳ କମ୍ ମିଳିଛି। କର୍ଣ୍ଣାଟକ ପକ୍ଷରୁ ଆଇନଜୀବୀ ଶ୍ୟାମ ଦିୱାନ ଏହି ଦାବିକୁ ବିରୋଧ କରିଥିଲେ। ରାଜ୍ୟର ଅନେକ ଜିଲ୍ଲାରେ ମରୁଡ଼ି ପରିସ୍ଥିତି ଥିବାରୁ ଜଳସେଚନ ପାଇଁ ଜଳ ଆବଣ୍ଟନ କମାଇବାକୁ ପଡ଼ିଛି ବୋଲି ସେ



କହିଥିଲେ। ତାମିଲନାଡୁ ଉତ୍ତର-ପୂର୍ବ ମୌସୁମୀ ବର୍ଷାରୁ ଲାଭ ପାଇବ, କିନ୍ତୁ କର୍ଣ୍ଣାଟକ ଏହାର ଲାଭ ପାଇବ ନାହିଁ ବୋଲି ମଧ୍ୟ ଯୁକ୍ତି ରଖିଥିଲେ।କାବେରୀ ଜଳ ପରିଚାଳନା କର୍ତ୍ତୃପକ୍ଷ (ସିଡବ୍ଲ୍ୟୁଏମ୍‌ଏ) ଓ କାବେରୀ ଜଳ ନିୟନ୍ତ୍ରଣ କମିଟି (ସିଡବ୍ଲ୍ୟୁଆରସି) ପ୍ରତି ୧୫ ଦିନରେ ବୈଠକ କରି ଜଳ ପ୍ରବାହ ଉପରେ ନଜର ରଖୁଥିବାରୁ ଏଥିରେ ଅଦାଲତଙ୍କ ହସ୍ତକ୍ଷେପ ଆବଶ୍ୟକ ନାହିଁ ବୋଲି କର୍ଣ୍ଣାଟକ କହିଥିଲା। ଶୁଣାଣି ସମୟରେ ତାମିଲନାଡୁର ଡିଏମ୍‌କେ ସାଂସଦ ତଥା ବରିଷ୍ଠ ଆଇନଜୀବୀ ପି. ୱିଲସନ୍ ଚାଷୀଙ୍କ ପକ୍ଷରୁ ଯୁକ୍ତି ରଖିବାକୁ ଅନୁମତି ମାଗିଥିଲେ। ତେବେ ଉଭୟ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ଉପସ୍ଥିତ ଥିବା ଦର୍ଶାଇ ଖଣ୍ଡପୀଠ ତାଙ୍କ ଅନୁରୋଧ ଗ୍ରହଣ କରିନଥିଲେ। ଉଲ୍ଲେଖଯୋଗ୍ୟ, କର୍ଣ୍ଣାଟକ-ତାମିଲନାଡୁ ସୀମାର ବିଲିଗୁଣ୍ଡୁଲୁ ଜଳ ମାପ କେନ୍ଦ୍ରରେ ଜଳ ପ୍ରବାହର ଅଭାବକୁ ନେଇ ଏହି ବିବାଦ ରହିଛି। ଅକ୍ଟୋବର ୧୨ ତାରିଖରେ ସୁପ୍ରିମ୍‌କୋର୍ଟ ତାମିଲନାଡୁର ଦୁଇଟି ଆବେଦନ ଉପରେ ରାୟ ସଂରକ୍ଷିତ ରଖିଥିଲେ। ଶୁକ୍ରବାର ରାୟ ପ୍ରକାଶ ପରେ ଅତିରିକ୍ତ ୧୧ ଟିଏମ୍‌ସି ଜଳ ପାଇବା ନେଇ ତାମିଲନାଡୁର ଆଶା ମଉଳି ଯାଇଛି।

ବିମାନ ବାତିଲ ପାଇଁ...

ସ୍ପାଇସ୍‌ଜେଟ୍‌କୁ ଡିଜିସିଏ ନୋଟିସ୍



ନୂଆଦିଲ୍ଲୀ, ୨୦/୧୧: ଲଗାତାର ବିମାନ ବାତିଲ, ଉଡ଼ାଣରେ ବିଳମ୍ବ ଓ ପରିଚାଳନାଗତ ସମସ୍ୟାକୁ ନେଇ ବିମାନ କମ୍ପାନି ସ୍ପାଇସ୍‌ଜେଟ୍‌କୁ ନୋଟିସ୍ ଜାରି କରିଛି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)। ନଭେମ୍ବର ୧୭ ତାରିଖରେ ଜାରି ଏହି ନୋଟିସ୍‌ରେ କମ୍ପାନିକୁ ୭ ଦିନ ମଧ୍ୟରେ ଜବାବ ଦେବାକୁ କୁହାଯାଇଛି। ବିମାନ ଠିକ୍ ସମୟରେ ଚଳାଚଳ କରିବା ହାର (ଅନ୍ ଟାଇମ୍ ପରଫର୍ମାନ୍ସ) କମିବା, ବାରମ୍ବାର ଉଡ଼ାଣ ବାତିଲ ଓ ବିଳମ୍ବ ହେବା ସହ ଧାର୍ଯ୍ୟ ସମୟସୂଚୀ ଅନୁସାରେ ବିମାନ ଚଳାଇବାରେ ବିଫଳତାକୁ ନେଇ ଡିଜିସିଏ ଉଦ୍‌ବେଗ ପ୍ରକାଶ କରିଛି। ଏହାଦ୍ୱାରା ଯାତ୍ରୀମାନେ ହଇରାଣ ହେଉଥିବା ଏବଂ ବିମାନ ବିଳମ୍ବ କିମ୍ବା ବାତିଲ ସମୟରେ ଯାତ୍ରୀଙ୍କୁ ଆବଶ୍ୟକ ସହାୟତା ମିଳୁନଥିବା ମଧ୍ୟ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି।ସ୍ପାଇସ୍‌ଜେଟ୍‌ର ଅଧିକାଂଶ ବିମାନ ଏବେ ଅଚଳ ହୋଇ ପଡ଼ିରହିଛି। ଏଗୁଡ଼ିକୁ ପୁଣିଥରେ ଚଳାଚଳକ୍ଷମ କରିବା ପାଇଁ କମ୍ପାନି କୌଣସି ଭରସାଯୋଗ୍ୟ ଯୋଜନା ଦାଖଲ କରିନଥିବା ଡିଜିସିଏ କହିଛି। ଏଥିସହ ବିମାନର ଆବଶ୍ୟକ ବୀମା ନବୀକରଣକୁ ନେଇ ଅନିଶ୍ଚିତତା, ସେବା ପ୍ରଦାନକାରୀ ସଂସ୍ଥାଙ୍କୁ ଅର୍ଥ ପୈଠରେ ବିଳମ୍ବ ଏବଂ ପୂର୍ବରୁ ଲାଗୁ ହୋଇଥିବା ଜରିମାନା ପୈଠ ନକରିବା ଭଳି ପ୍ରସଙ୍ଗ ମଧ୍ୟ ଉଠାଇଛି ନିୟାମକ ସଂସ୍ଥା। ଅନ୍ତର୍ଜାତୀୟ ବିମାନ ଚଳାଚଳ ପାଇଁ ଆବଶ୍ୟକ ଯୋଗ୍ୟତା ପୂରଣ ନକରିବା ଏବଂ ଛୋଟ ସହର ଓ ଦୁର୍ଗମ ଅଞ୍ଚଳକୁ ବିମାନ ସେବା ଯୋଗାଇବା ସମ୍ପର୍କିତ ରୁଟ୍ ଡିସ୍ପର୍ସାଲ୍ ଗାଇଡ୍‌ଲାଇନ୍ (ଆରଡିଜି) ଉଲ୍ଲଂଘନ କରିବା ଅଭିଯୋଗ ମଧ୍ୟ କମ୍ପାନି ବିରୋଧରେ ରହିଛି। ଏହି ନିୟମ ଉଲ୍ଲଂଘନ ପାଇଁ ମେ' ମାସରେ ମଧ୍ୟ ଜରିମାନା ଲାଗୁ କରାଯାଇଥିଲା।

ସିଇସି ନିଯୁକ୍ତି ଆଇନ ମାମଲା...

ପୁନର୍ବିଚାର ଆବେଦନର ତ୍ୱରିତ ଶୁଣାଣିକୁ ସିଜେଆଇଙ୍କ ନା

ନୂଆଦିଲ୍ଲୀ, ୨୦/୧୧: ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଓ ଅନ୍ୟ ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ସମ୍ପର୍କିତ ୨୦୨୩ ଆଇନକୁ ଚ୍ୟାଲେଞ୍ଜ କରି ହୋଇଥିବା ମାମଲାରେ ପୂର୍ବ ଆଦେଶର ପୁନର୍ବିଚାର ପାଇଁ ଦାଖଲ ଆବେଦନର ତ୍ୱରିତ ଶୁଣାଣିକୁ ସୁପ୍ରିମ୍‌କୋର୍ଟ ମନା କରିଦେଇଛନ୍ତି। ଅବସର ନେବାକୁ ଥିବା ଜଣେ ବିଚାରପତିଙ୍କ ଉପସ୍ଥିତିରେ ମୂଳ ଦୁଇଜଣିଆ ଖଣ୍ଡପୀଠରେ ଆବେଦନର ଶୁଣାଣି କରିବାକୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଅନୁରୋଧ କରିଥିଲେ। କିନ୍ତୁ ଏହି ପ୍ରସଙ୍ଗ ୫ ଜଣିଆ ସମ୍ବିଧାନ ପୀଠରେ ଉଠାଇବାକୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ସୁପ୍ରିମ୍‌କୋର୍ଟରେ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ପ୍ରଶାନ୍ତ ଭୂଷଣ ଯୁକ୍ତି ରଖିଥିଲେ ଯେ, ସେପ୍ଟେମ୍ବର ୨୩ରେ ଯେଉଁ ଦୁଇଜଣିଆ ଖଣ୍ଡପୀଠ ମାମଲାକୁ ସମ୍ବିଧାନ ପୀଠକୁ ପଠାଇବା ପାଇଁ ଆଦେଶ ଦେଇଥିଲେ, ସେହି ଖଣ୍ଡପୀଠ ହିଁ ପୁନର୍ବିଚାର ଆବେଦନର ଶୁଣାଣି କରିବା ଉଚିତ। ଏହି ଖଣ୍ଡପୀଠରେ ବିଚାରପତି ଦୀପଙ୍କର ଦତ୍ତ ଓ ସତୀଶ ଚନ୍ଦ୍ର ଶର୍ମା ରହିଥିଲେ। ବିଚାରପତି ଶର୍ମା ନଭେମ୍ବର ୨୯ରେ ଅବସର



ନେବାକୁ ଥିବାରୁ ଆସନ୍ତା ସପ୍ତାହରେ ଆବେଦନର ଶୁଣାଣି

ପଡ଼ୋଶୀ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଧରାପଡ଼ିଲା

ଭୁବନେଶ୍ୱର(ନି.ପ୍ର) : ପଡୋଶୀ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୋଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ରାହୁଲ ଓରଫ କାହ୍ନା ଦଳେଇ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନଯୋଗ୍ୟ ଯେ, ଅଭିଯୋଗକାରିଣୀ ଦୀପା ନାୟକ ପରିବାର ସହ ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ବସ୍ତି, ତଳସାହିରେ ରୁହନ୍ତି। ଆଜି ସକାଳେ ତାଙ୍କ ପଡୋଶୀ ମନୋଜ ଦଳେଇଙ୍କ ପତ୍ନୀ ମିନି ଦଳେଇ ଓ ପୁଅ ରାହୁଲ ଓରଫ କାହ୍ନା ଦଳେଇ ତାଙ୍କ ସହ ଝଗଡା କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେ ଏହାର ବିରୋଧ କରିବାରୁ ଅଭିଯୁକ୍ତ କାହ୍ନା ଦଳେଇ ତାଙ୍କୁ ଏକ ମରଣାତ୍ମ ସାହାଯ୍ୟରେ ଆକ୍ରମଣ ଲାଗି ପ୍ରୟାସ କରିବା ସହ ଜୀବନରୁ ମାରିବାର ଧମକ ଦେଇଥିଲେ। ଏନେଇ ଅଭିଯୋଗକାରୀଣୀ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡିଛି ଯେ, ଅଭିଯୋଗକାରିଣୀ ତଥା ଆହତ ଦୀପା ନାୟକ ଦୀର୍ଘଦିନ ଧରି ନୟାପଲ୍ଲୀ ଥାନା ଅନ୍ତର୍ଗତ ସହିଦ ଲକ୍ଷ୍ମଣ ନାୟକ ବେହେରା ବସ୍ତି, ତଳସାହିରେ ରହୁଛନ୍ତି । ସେହି ଅଞ୍ଚଳରେ ତାଙ୍କ ପଡ଼ୋଶୀ ମନୋଜ ଦଳେଇ ମଧ୍ୟ ପରିବାର ସହ ରହୁଥିଲେ । ଆଜି ସକାଳ ପ୍ରାୟ ୮ଟା ସମୟରେ ମନୋଜ ଦଳେଇଙ୍କ ପତ୍ନୀ ମିନି ଦଳେଇ ରାସ୍ତା ଉପରେ ପେଜ ଡୋରାଣି ଢାଳୁଥିବା ବେଳେ ଅଭିଯୋଗକାରିଣୀ ଏହାକୁ ବିରୋଧ କରିଥିଲେ । ଏହାକୁ ନେଇ ମିନି ଦଳେଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ମିନିଙ୍କ ପୁଅ କାହ୍ନା ଦଳେଇ ମଧ୍ୟ ଅଭିଯୋଗକାରିଣୀଙ୍କ ସହ ଝଗଡ଼ା କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା । ଏହାର ପ୍ରତିବାଦ କରିବାରୁ କାହ୍ନା ଦଳେଇ ଏକ କଟୁରୀରେ ତାଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରିବାକୁ ଉଦ୍ୟମ କରିବା ସହ ଗୁରୁତର ପରିଣାମ ଭୋଗିବାକୁ ଧମକ ଦେଇଥିଲା । ଏହି ଘଟଣା ସମ୍ପର୍କରେ ବିଶ୍ୱସ୍ତ ସୂଚନା ପାଇ ପୋଲିସ ଟିମ୍ ତୁରନ୍ତ ସହିଦ ଲକ୍ଷ୍ମଣ ନାୟକ ବେହେରା ବସ୍ତିରେ ଚଢ଼ାଉ କରି ଅଭିଯୁକ୍ତ କାହ୍ନା ଦଳେଇକୁ ତାଙ୍କ ଘର ନିକଟରୁ ଧରିଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତ ଘଟଣାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲା। ଅଭିଯୁକ୍ତ କାହ୍ନା ପୂର୍ବରୁ ମଧ୍ୟ ନୟାପଲ୍ଲୀ ଥାନାର ଏକ ମାମଲାରେ ସମ୍ପୃକ୍ତ ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ।

ଓଡ଼ିଶା ପୁଲିସ ପାଇଁ ଗୌରବ

୩ ମହିଳା କନଷ୍ଟେବଳ ହେଲେ କମାଣ୍ଡୋ



ଭୁବନେଶ୍ୱର: ଓଡ଼ିଶା ପୁଲିସ୍ ଇତିହାସରେ ଯୋଡ଼ି ହୋଇଛି ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ପ୍ରଥମ ଥର ପାଇଁ ରାଜ୍ୟ ପୁଲିସ୍ ବାହିନୀର ତିନିଜଣ ମହିଳା କନଷ୍ଟେବଳ ଦେଶର ସବୁଠାରୁ ଦକ୍ଷ ତଥା ଅଗ୍ରଣୀ ସୁରକ୍ଷା ବଳ 'ନ୍ୟାସନାଲ ସିକ୍ୟୁରିଟି ଗାର୍ଡ'(ଏନ୍ଏସ୍ଜି)ର ତାଲିମ କେନ୍ଦ୍ରରେ 'ପ୍ରଥମ ମହିଳା କମାଣ୍ଡୋ କନଭର୍ସନ କୋର୍ସ'(ଏମ୍ସିସିସି) ସଫଳତାର ସହ ସମ୍ପୂର୍ଣ୍ଣ କରିଛନ୍ତି । ସେମାନେ ହେଲେ ଢେଙ୍କାନାଳର ପୁଲିସ୍ ଜିଲ୍ଲାର ଅନିଷା ସିଂହ, ନବରଙ୍ଗପୁରର ରାମେଶ୍ୱୀ ହାଲବା ଓ ବଲାଙ୍ଗିରର ପିଙ୍କି ସାହୁ। ଏହା ପୂର୍ବରୁ ରାଜ୍ୟ ପୁଲିସ୍ର କୌଣସି ମହିଳା କନଷ୍ଟେବଳ ଏନ୍ଏସ୍ଜି କମାଣ୍ଡୋ ତାଲିମ ନେଇ ନଥିଲେ । ୧୨ ସପ୍ତାହ ଧରି ଅତ୍ୟନ୍ତ କଠୋର ଶାରୀରିକ ଏବଂ ମାନସିକ ପରୀକ୍ଷା ଦେଇ ଏହି ତିନି ମହିଳା କନଷ୍ଟେବଳ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି । ଆତଙ୍କବାଦୀ ନିରୋଧୀ ଅଭିଯାନ, ବନ୍ଧକ ଥିବା ବ୍ୟକ୍ତିଙ୍କୁ ଉଦ୍ଧାର ଏବଂ ଯେକୌଣସି ବିପଜ୍ଜନକ ପରିସ୍ଥିତିର ମୁକାବିଲା କରିବା ପାଇଁ ସେମାନଙ୍କୁ ବିଶେଷ ଭାବେ ପ୍ରଶିକ୍ଷଣ ଦିଆଯାଇଛି । ଏହି ତିନିଜଣ ମହିଳା କମାଣ୍ଡୋ ପୂର୍ବରୁ ଯେଉଁ ଯେଉଁ ପୁଲିସ୍ ଜିଲ୍ଲାରେ କାର୍ଯ୍ୟରତ ଥିଲେ, ପୁନର୍ବାର ସେହି ସେହି ଜିଲ୍ଲାରେ ହିଁ ସେମାନଙ୍କୁ ପୋଷ୍ଟିଂ ଦିଆଯିବ । ଭବିଷ୍ୟତରେ ଯଦି ରାଜ୍ୟର କୌଣସି ସ୍ଥାନରେ ଅପ୍ରତ୍ୟାଶିତ କିମ୍ବା ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୁଏ ତେବେ ପ୍ରଥମ ପର୍ଯ୍ୟାୟରେ ହିଁ ଏହି ତାଲିମପ୍ରାପ୍ତ ମହିଳା ଏନ୍ଏସଜି କମାଣ୍ଡୋମାନଙ୍କୁ ଘଟଣାସ୍ଥଳରେ ନିୟୋଜିତ କରାଯିବ । ସେମାନଙ୍କ ଏହି ଅଦମ୍ୟ ସାହସ ଓ ସଫଳତା ଆଗାମୀ ଦିନରେ ଓଡ଼ିଶା ପୁଲିସରେ କାର୍ଯ୍ୟରତ ଅନ୍ୟ ମହିଳା କର୍ମଚାରୀମାନଙ୍କ ପାଇଁ ନିଶ୍ଚିତ ଭାବେ ପ୍ରେରଣାର ଉତ୍ସ ସାଜିବ । ଗତ କିଛି ମାସ ତଳେ ସାରା ଦେଶର ମହିଳା କନଷ୍ଟେବଳମାନଙ୍କୁ ଏନ୍ଏସ୍ଜି କମାଣ୍ଡୋ ତାଲିକା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଓଡ଼ିଶା ପୁଲିସ୍ର ଏକାଧିକ ମହିଳା କନଷ୍ଟେବଳମାନେ ଆବେଦନ କରିଥିଲେ । ହେଲେ ଯୋଗ୍ୟତା ଭିତ୍ତିରେ ୫ ଜଣଙ୍କ ତାଲିକା ହୋଇଥିଲା । ୩ ଜଣ ସଫଳତାର ସହ ଏନ୍ଏସ୍ଜି କମାଣ୍ଡୋ ତାଲିମ ସମାପ୍ତ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ପାଣି ଟ୍ୟାପ ଚୋରି କରି ଯୁବକ ଗିରଫ

ଭୁବନେଶ୍ୱର(ନି.ପ୍ର) : ପଞ୍ଚାୟତର କଲ୍ୟାଣ ମଣ୍ଡପରୁ ପାଣି ଟ୍ୟାପ ଚୋରି କରିବା ଅଭିଯୋଗରେ ଇନଫୋଭ୍ୟାଲି ଥାନା ପୋଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଗୌତମ ରଣା। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନଯୋଗ୍ୟ ଯେ, ଗତକାଲି ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଉତ୍ତରମୁଣ୍ଡମୁହାଣ ଗ୍ରାମ ପଞ୍ଚାୟତର କଲ୍ୟାଣ ମଣ୍ଡପରେ ପ୍ଲମ୍ବିଂ କାମ ହୋଇଥିଲା। ଉକ୍ତ କଲ୍ୟାଣ ମଣ୍ଡପର ସୁରକ୍ଷା ଦାୟିତ୍ୱରେ ପଞ୍ଚାୟତ ପିଅନ ଭାଗୀରଥି ରାଉତ ରାତିରେ ସେଠାରେ ରହିଥିଲେ । ଆଜି ଭୋର ପ୍ରାୟ ୪ଟାରୁ ୫ଟା ମଧ୍ୟରେ କିଛି ଶବ୍ଦ ଶୁଣି ଭାଗୀରଥିଙ୍କ ନିଦ ଭାଙ୍ଗିଥିଲା । ସେ ଲାଇଟ୍ ଜଳାଇ ଦେଖିବାରୁ ଜଣେ ଯୁବକ ହାତରେ ଏକ ବ୍ୟାଗ୍ ଧରି କଲ୍ୟାଣ ମଣ୍ଡପରୁ ବାହାରି ଖସିଯିବାକୁ ଉଦ୍ୟମ କରୁଥିଲେ । ଭାଗୀରଥି ତାଙ୍କୁ ଅଟକାଇ ବ୍ୟାଗ୍ ଯାଞ୍ଚ କରିବାରୁ ସେଥିରେ ଅନେକ ପାଣି ଟ୍ୟାପ୍ ଥିବା ଦେଖିଥିଲେ । ପରେ ଭିତରକୁ ଯାଇ ଯାଞ୍ଚ କରିବାରୁ କଲ୍ୟାଣ ମଣ୍ଡପରେ ଲାଗିଥିବା ସମସ୍ତ ପାଣି ଟ୍ୟାପ୍ ଖୋଲି ନିଆଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ଭାଗୀରଥି ଗ୍ରାମବାସୀଙ୍କୁ ଫୋନ୍ ଯୋଗେ ଖବର ଦେଇଥିଲେ। ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି ପିସିଆରକୁ ଫୋନ୍ କରି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ସୂଚନା ପାଇ ପିସିଆର ଟିମ୍ ଘଟଣା ସ୍ଥଳରେ ତୁରନ୍ତ ପହଞ୍ଚି ଅଟକ ଯୁବକଙ୍କୁ ଥାନାକୁ ନେଇଥିଲେ । ଏହି ଘଟଣା ସମ୍ପର୍କରେ ଅଭିଯୋଗକାରୀ ସୁଶାନ୍ତ ବେହେରା ଇନଫୋଭ୍ୟାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାମଲାର ତଦନ୍ତ କାଳରେ ଅଭିଯୁକ୍ତ ଗୌତମ ରଣାଙ୍କୁ ଗିରଫ କରାଯିବା ସହ ତାଙ୍କ ହେପାଜତରୁ ଚୋରି ପାଣି ଟ୍ୟାପ ସବୁକୁ ଜବତ କରାଯାଇଥିଲା ।

ବେଆଇନ କାଠ ବୋଝେଇ ଇଂଜିନ ଟ୍ରଲି ଜବତ: ଜଣେ ଅଟକ

ଜଳେଶ୍ୱର(ନିପ୍ର): ନିର୍ଭରଯୋଗ୍ୟ ସୂଚନା ଆଧାରରେ ଏବଂ ବାଲେଶ୍ୱର ବନ୍ୟପ୍ରାଣୀ ଡିଭିଜନର ଡିଭିଜନାଲ୍ ଫରେଷ୍ଟ ଅଫିସରଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ବନ୍ୟପ୍ରାଣୀ ରେଞ୍ଜର ରେଞ୍ଜ ଅଫିସର ଶିଶିର କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁଦାସପୁର ନିକଟରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ବିନା ବୈଧ ପରମିଟ୍ ଓ ଆବଶ୍ୟକ ଦଲିଲରେ ଆମ୍ବ, ଅର୍ଜୁନ ଏବଂ ପାଣିଗୟାରୀ ପ୍ରଜାତିର ଗୋଲ୍ କାଠ ବେଆଇନ ଭାବେ ପରିବହନ କରୁଥିବା ଏକ ଇଞ୍ଜିନ୍ ଚାଳିତ ଟ୍ରଲି ରିନ୍ଧା ଜବତ କରାଯାଇଛି । ଉକ୍ତ ଗାଡ଼ିର ଚାଳକ ବାଲେଶ୍ୱର ଜିଲ୍ଲା ଗୁରୁଦାସପୁର ଗ୍ରାମର ଦେବେନ୍ଦ୍ର ଦାସ(୪୫)ଙ୍କୁ ଅଟକ ରଖାଯାଇଛି। ଏହି ଘଟଣାରେ କେସ୍ ନମ୍ବର ୫୧,୨୦୨୬–୨୭ରେ ବନ ଅପରାଧ ମାମଲା ରୁଜୁ କରାଯାଇଛି ଏବଂ ଆଇନାନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଉଛି। ମାମଲାର ଅଧିକ ତଦନ୍ତ ଏବଂ ଆବଶ୍ୟକ ଆଇନଗତ ପଦକ୍ଷେପ ଜାରି ରହିଛି ବୋଲି ରେଞ୍ଜ ଅଫିସର ଶିଶିର କୁମାର ବେହେରା ସୂଚନା ଦେଇଛନ୍ତି।

ଭଡ଼ାଘରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର : ଭୁବନେଶ୍ୱର ବଡଗଡ଼ ଉପରସାହିରେ ଭଡ଼ା ଘରୁ ୨୮ ବର୍ଷୀୟ ଯୁବକଙ୍କ ମୃତଦେହ ଉଦ୍ଧାର। ମୃତ ଯୁବକଙ୍କ ନାଁ ଦେବାଶିଷ ମହାପାତ୍ର। ତାଙ୍କ ଘର କଣାସ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଗତକାଲି ରାତିରେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ସକାଳେ ଘରର କବାଟ ନଖୋଲିବାରୁ ଘର ମାଲିକଙ୍କ ମା' ଏ ବିଷୟରେ ଜଣାଇଥିଲେ। ଏହାପରେ ଘର ମାଲିକ ଝରକା ବାଟେ ଦେଖିବାରୁ ଭଡ଼ାରେ ରହୁଥିବା ଯୁବକଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ । ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବଡ଼ଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ସୂଚନା ମୁତାବକ, ଦେବାଶିଷ ଜଣେ ଯୁବତୀଙ୍କ ସହ ଦୀର୍ଘ ୭ରୁ ୮ମାସ ହେବ ଏକାଠି ଲିଭ ଇନରେ ରହୁଥିଲେ । ଉଭୟ ବିବାହ କରିବାକୁ ଯୋଜନା କରିଥିବା ବେଳେ ଉଭୟଙ୍କ ପରିବାର ଲୋକଙ୍କର ମଧ୍ୟ ଯିବା ଆସିବା ଥିଲା। ଏପରିକି ଚାରି ଦିନ ପୂର୍ବରୁ ଯୁବତୀଙ୍କ ବାପା ଆସି ତାଙ୍କୁ ସାଙ୍ଗରେ ନେଇଯାଇଥିଲେ। ଏହାପରେ ଦେବାଶିଷ ଏକାକୀ ରହୁଥିଲେ। ତେବେ ଯୁବତୀଙ୍କ ସହ କୌଣସି ପ୍ରେମଜନିତ ସମସ୍ୟାକୁ ନେଇ ଦେବାଶିଷ ଏପରି ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଥିଲେ ମଧ୍ୟ ମୃତ୍ୟୁର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି।

୧୬୮ ଗ୍ରାମ ବ୍ରାଉନ ସୁଗାର ଜବତ: ଜଣେ ଗିରଫ




କଟକ(ନିପ୍ର): ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ ପକ୍ଷରୁ ପୁରୀଘାଟ ଥାନା ଅନ୍ତର୍ଗତ କାଠଯୋଡ଼ି ରିଙ୍ଗ ରୋଡ଼ର ରାଜାବଗିଚା ନିକଟରେ ଚଢ଼ାଉ କରାଯାଇ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯିବା ସହ ତା' ନିକଟରୁ ୧୬୮ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ଅନୁଗୁଳ ଜିଲ୍ଲା ବାଁରପାଳ ଥାନା ଅନ୍ତର୍ଗତ ପିଙ୍ଗୁଆର ନୀଳମଣି ଭୁତିଆ (୪୭) । ଅବକାରୀ ଅଧିକ୍ଷକ ସମରଜିତ ଦାସଙ୍କ ନିର୍ଦ୍ଦେଶ ଓ ଉପ ଅଧିକ୍ଷକ ରୋଶନ ଇସୁ ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଇନିସ୍ପେକ୍ଟର ହୀରା ଦଳପତିଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା । ଜବତ ବ୍ରାଉନ ସୁଗାରର ମୂଲ୍ୟ ୧୬ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଜିଲ୍ଲାକୁ ନିଶାମୁକ୍ତ କରିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଏହି ଅଭିଯାନ ଜାରି ରହିବ ବୋଲି ଜଣାପଡିଛି।

ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ବ୍ଲାକ୍‌ମେଲ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର) : ଜଣେ ସପ୍ତମ ଶ୍ରେଣୀ ନାବାଳିକା ଛାତ୍ରୀଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ବାରମ୍ବାର ଅନୁଚିତ୍ କାର୍ଯ୍ୟ କରିବା ସହ ଆପତ୍ତିଜନକ ଫଟୋ ଓ ଭିଡିଓ ଭାଇରାଲ୍ କରିଦେବାକୁ ଧମକ ଦେଇ ବ୍ଲାକମେଲ କରିବା ଅଭିଯୋଗରେ ଇନଫୋଭ୍ୟାଲି ଥାନା ପୋଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସତ୍ୟବ୍ରତ ବଳ (୨୦)। ପୋଲିସ ତା' ନିକଟରୁ ଅପରାଧରେ ବ୍ୟବହୃତ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିବା ସହ କୋର୍ଟ ଚାଲାଣ କରିଛି। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଇନଫୋଭ୍ୟାଲି ଥାନା ଅଞ୍ଚଳରେ ରହୁଥିବା ଜଣେ ୧୨ ବର୍ଷୀୟା ନାବାଳିକା ଛାତ୍ରୀଙ୍କ ଘର ସମ୍ମୁଖରେ ଅଭିଯୁକ୍ତ ସତ୍ୟବ୍ରତ ବଳ (୨୦) ଭଡ଼ାଘରେ ରହି ସ୍ଥାନୀୟ ଏକ ସୋଲାର କମ୍ପାନୀରେ କାର୍ଯ୍ୟ କରୁଥିଲା। ପଡ଼ୋଶୀ ଓ ପରିଚିତ ହେବାର ସୁଯୋଗ ନେଇ ଅଭିଯୁକ୍ତ ନାବାଳିକାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଗତ ମାର୍ଚ୍ଚ ୨୦୨୬ରୁ ଏପ୍ରିଲ୍ ୨୦୨୬ ମଧ୍ୟରେ ଏକାଧିକ ଥର ଅନୁଚିତ୍ କାର୍ଯ୍ୟ କରିଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଉକ୍ତ ସ୍ଥାନ ଛାଡ଼ି ଅନ୍ୟତ୍ର କାମ କରିବାକୁ ଯାଇଥିଲେ ମଧ୍ୟ ଫୋନ୍ ଯୋଗେ ନାବାଳିକାଙ୍କୁ ପୁନର୍ବାର ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲା। ନାବାଳିକା ଜଣକ ଏଥିରେ ରାଜି ନହେବାରୁ ଅଭିଯୁକ୍ତ ନିଜ ମୋବାଇଲ ଉଠାଇ ରଖିଥିବା ନାବାଳିକାଙ୍କ ଆପତ୍ତିଜନକ ଫଟୋ ଓ ଭିଡିଓକୁ ସୋସିଆଲ ମିଡ଼ିଆରେ ଭାଇରାଲ୍ କରିଦେବାକୁ ଧମକ ଦେଇଥିଲା । ଭୟଭୀତ ହୋଇ ନାବାଳିକା ଜଣକ ସମସ୍ତ ଘଟଣା ନିଜ ମା'ଙ୍କୁ ଜଣାଇବା ପରେ ଗତ ୧୩.୧୦.୨୦୨୬ ତାରିଖରେ ଇନଫୋଭ୍ୟାଲି ଥାନାରେ ଲିଖିତ ଏତଲା ଦାୟର ହୋଇଥିଲା । ଏନେଇ ଇନଫୋଭ୍ୟାଲି ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ପୋଲିସ ପାଢ଼ିତାଙ୍କ ଜନ୍ମ ପ୍ରମାଣପତ୍ର ଯାଞ୍ଚ କରି ସେ ନାବାଳିକା ହୋଇଥିବା ନିଶ୍ଚିତ କରିବା ସହ ମାନ୍ୟବର ଅଦାଲତଙ୍କ ନିକଟରେ ପାଢ଼ିତାଙ୍କ ବୟାନ ରେକର୍ଡ କରାଇଥିଲା। ବାରମ୍ବାର ଦୁର୍ବ୍ୟବହାର ଅଭିଯୋଗ ପ୍ରମାଣିତ ହେବା ପରେ ମାମଲାରେ ପୋକ୍ସୋ ଆଇନର ଧାରା ୬ ସଂଯୋଗ କରାଯାଇଥିଲା। ପୋଲିସ ପାଢ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଇବା ସହ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଜବତ କରି ଫରେନସିକ୍ ପରୀକ୍ଷା ପାଇଁ ଏସ୍ଏଫ୍ଏସ୍ଏଲ୍ କୁ ପଠାଇବାକୁ ପଦକ୍ଷେପ ନେଇଛି । ପର୍ଯ୍ୟାପ୍ତ ପ୍ରମାଣ ମିଳିବା ପରେ ଆଜି ତା. ୧୯.୧୧.୨୦୨୬ ପୂର୍ବାହ୍ନରେ ଅଭିଯୁକ୍ତ ସତ୍ୟବ୍ରତ ବଳକୁ ବିଧିବଦ୍ଧ ଭାବେ ଗିରଫ କରାଯାଇ ମାନ୍ୟବର ସ୍ୱତନ୍ତ୍ର ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଛି ।

ପୋଲିସ କବ୍‌ଜାରେ କଫ ସିରଫ ମାଫିଆ ଗ୍ୟାଙ୍ଗ ୧୧ ଲକ୍ଷ ଟଙ୍କା ସହ ଦୁଇଟି ବନ୍ଧୁକ ଜବତ



ରାଉରକେଲା: ରାଉରକେଲାରେ ଚାଞ୍ଚଲ୍ୟ। ପ୍ଲାଣ୍ଟ ସାଇଡ ପୋଲିସ ପଞ୍ଜାରେ ଧରାପଡ଼ିଲା ଅନ୍ତଃରାଜ୍ୟ କଫ ସିରଫ ଓ ବେଆଇନ ଅସ୍ତ୍ରଶସ୍ତ୍ର କାରବାରର ବଡ଼ ମାଫିଆ ଗ୍ୟାଙ୍ଗ । ଚେକିଂ ବେଳେ ସିନେମା ଷ୍ଟାଇଲରେ ବ୍ରେଜା କାରକୁ ଅଟକାଇ ପୋଲିସ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଛି । ଦୁଇ ଅଭିଯୁକ୍ତ ରାଜଗାଙ୍ଗପୁରର ମହମ୍ମଦ ସଦ୍ଦାମ ଏବଂ ସମ୍ବଲପୁରର ତ୍ରିବିକ୍ରମ ସୁନା। ସେମାନଙ୍କ ନିକଟରୁ ନଗଦ ୧୧ ଲକ୍ଷ ୬୩ ହଜାର ଟଙ୍କା ନଗଦ, ୨ଟି ଦେଶୀ ପିସ୍ତଲ, ୨ ରାଉଣ୍ଡ ଜୀବନ୍ତ ଗୁଳି, ୩ଟି ମୋବାଇଲ ଫୋନ, ଏକ ମାରୁତି ବ୍ରେଜା କାର ଏବଂ କଫ ସିରଫ କାରବାର ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ପୋଲିସର ପଚରାଉଚରା ବେଳେ ସାମ୍ନାକୁ ଆସିଛି ସବୁଠାରୁ ବଡ଼ ରହସ୍ୟ। ଗତ ୪ ମାସ ଧରି ଏହି ରାକେଟର କିଙ୍ଗପିନ୍ ମହମ୍ମଦ ସଦ୍ଦାମ ରାଜ୍ୟ ବାହାରୁ ବିଭିନ୍ନ ଟ୍ରାନ୍ସପୋର୍ଟ ଏଜେନ୍ସି ଜରିଆରେ ୫୦ ହଜାରରୁ ଅଧିକ ବୋତଲ ନିଶାଯୁକ୍ତ କଫ ସିରଫ ଆଣି ନକଲି କାଗଜପତ୍ର ବଳରେ ଝାରସୁଗୁଡ଼ା, ସମ୍ବଲପୁର ଏବଂ ବରଗଡ଼ ଅଞ୍ଚଳରେ ବିକ୍ରି କରୁଥିଲା । ଆଶ୍ଚର୍ଯ୍ୟର କଥା ହେଉଛି, ଏହି ବେଆଇନ କଫ ସିରଫ ବିକ୍ରିରୁ ମିଳୁଥିବା କଳା ଟଙ୍କାରେ ବିହାରରୁ ବନ୍ଧୁକ କିଣି ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ଆଖପାଖ ଜିଲ୍ଲାରେ ଚୋରାଚାଲାଣ କରୁଥିଲେ ଅଭିଯୁକ୍ତ। ଶୁକ୍ରବାର ବିଶ୍ୱା ଛକ ନିକଟରେ ପୋଲିସ ହାତରେ ଧରାପଡ଼ିବା ପରେ ଏହି ଅନ୍ତଃରାଜ୍ୟ ମାଫିଆ ନେଟ ୱର୍କର ଚେର ଖୋଜିବା ଆରମ୍ଭ କରିଛି ପ୍ଲାଣ୍ଟ ସାଇଡ ପୋଲିସ। ଏହି କାରବାରରେ ଆଉ କିଏ କିଏ ସାମିଲ ଅଛନ୍ତି ଏବଂ ଅସ୍ତ୍ରଶସ୍ତ୍ରର ଉତ୍ସ ଓ ଗନ୍ତବ୍ୟ ସ୍ଥଳ କେଉଁଠି, ସେନେଇ ଅଧିକ ତଦନ୍ତ ଜାରି ରହିଛି।

ପୂର୍ବ ଶତ୍ରୁତାରୁ ଜଘନ୍ୟ ହତ୍ୟାକାଣ୍ଡ ଅଭିଯୋଗ

ନୟାଗଡ଼(ନିପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକକୁ ନିର୍ମମ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଧାନ ବିଲକୁ ଯାଇଥିବା ଯୁବକଙ୍କ ଗଳାକାଟି ହତ୍ୟା ପରେ ମୃତ ଦେହକୁ ଗ୍ରାମ ନିକଟରେ ଥିବା ନାଳକୁ ଫିଙ୍ଗିଦେଇଥିବା ଅଭିଯୋଗ ହୋଇଛି । ଏଭଳି ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି ନୟାଗଡ଼ ବ୍ଲକ ଟାଉନ

ଚାଷୀଙ୍କ ଚିନ୍ତା ବଢ଼ିଲା, ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ ବଣ୍ଟନ

ନିରାକାରପୁର,୨୦।୧୧(ନିପ୍ର): ବାତ୍ୟା 'ଅକୱାନ'ର ପ୍ରଭାବକୁ ନେଇ ଖୋର୍ଦ୍ଧା ଜିଲ୍ଲାର ଚାଷୀଙ୍କ ଚିନ୍ତା ବଢ଼ିଛି। ବିଶେଷକରି ପାଚିଲା ଧାନ ଫସଲ ନଷ୍ଟ ହେବା ଆଶଙ୍କାରେ ଚାଷୀମାନେ ଚିନ୍ତିତ ଥିବାବେଳେ କଚ୍ଚା ଘରେ ରହୁଥିବା ଗରିବ ଓ ଅସହାୟ ପରିବାରଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ବାତ୍ୟା ଆଶଙ୍କା ଥିବା ଅଞ୍ଚଳରୁ ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀ ଓ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେମାନଙ୍କ ରହିବା ଓ ଖାଦ୍ୟପେୟର ବ୍ୟବସ୍ଥା କରାଯିବା ସହ ପଞ୍ଚାୟତ ପକ୍ଷରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଏହି କ୍ରମରେ ଟାଙ୍ଗୀ ବ୍ଲକ କମାଗୁରୁ ପଞ୍ଚାୟତ ଅନ୍ତର୍ଗତ ବେଲପଦା ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏକ ବିଦ୍ୟାଳୟରେ ସୁରକ୍ଷିତ ଭାବେ ରଖାଯାଇଛି। ପଞ୍ଚାୟତ ପକ୍ଷରୁ ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି।

୪,୧୨୩ ଜଣଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର



ଭୁବନେଶ୍ୱର/ନୟାଗଡ଼, ୨୦/୧୧(ନିପ୍ର): ବଙ୍ଗୋପସାଗରରେ ସୃଷ୍ଟି ବାତ୍ୟା 'ଅକୱାନ'ର ମୁକାବିଲା ପାଇଁ ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ସହରାଞ୍ଚଳରୁ ୪,୧୨୩ ଜଣଙ୍କୁ ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ପରିସ୍ଥିତି, ରିଲିଫ୍ ଓ ସ୍ୱାସ୍ଥ୍ୟସେବା କାର୍ଯ୍ୟର ସମୀକ୍ଷା ପାଇଁ ସର୍କିଟ୍ ହାଉସ୍‌ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ବିଧାନସଭା ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲାପାଳ ମଧୁମିତା ରଥ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବି.ସି. ରାଓ ଉପସ୍ଥିତ ଥିଲେ। ବୈଠକରେ ତଳିଆ ଅଞ୍ଚଳ ଓ କଚ୍ଚା ଘରେ ରହୁଥିବା ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଶ୍ରୟସ୍ଥଳୀଗୁଡ଼ିକରେ ପର୍ଯ୍ୟାପ୍ତ ଶୁଖିଲା ଓ ରନ୍ଧା ଖାଦ୍ୟ, ପାନୀୟ ଜଳ ଏବଂ ବିଦ୍ୟୁତ୍ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଥିଲା। ଆଶ୍ରୟସ୍ଥଳୀରେ ରହୁଥିବା ଗର୍ଭବତୀ, ଶିଶୁ ଓ ବୟସ୍କଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଏବଂ ଆବଶ୍ୟକ ଔଷଧ ମହଜୁଦ ରଖିବା ଉପରେ ସିଡିଏମ୍‌ଓଙ୍କ ସହ ଆଲୋଚନା କରାଯାଇଥିଲା।

ବାତ୍ୟା ବିପନ୍ନଙ୍କୁ ଶୁଖିଲା ରିଲିଫ୍ ବାଣ୍ଟିଲା ଶିକ୍ଷା ଟ୍ରଷ୍ଟ

କେନ୍ଦ୍ରାପଡ଼ା,୨୦/୧୧(ନିପ୍ର): ବାତ୍ୟା 'ଅକୱାନ୍' ପ୍ରଭାବରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳ ପ୍ରଭାବିତ ହୋଇଥିବାବେଳେ ବିପନ୍ନଙ୍କ ସହାୟତା ପାଇଁ ଆଗେଇ ଆସିଛି ଜାବିର ବିନ୍ କବିର ଏଜୁକେଶନ ଟ୍ରଷ୍ଟ। ଟ୍ରଷ୍ଟ ପକ୍ଷରୁ ଗୋପ, ଅଯୋଧ୍ୟା ନଗର ସମେତ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରାଯାଇ ପ୍ରଭାବିତ ପରିବାରଙ୍କୁ ଶୁଖିଲା ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ଅବସରରେ ଟ୍ରଷ୍ଟର ସଦସ୍ୟମାନେ ବିପନ୍ନ ପରିବାରଙ୍କ ସମସ୍ୟା ଓ ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ଶେଖ୍ ଲିୟାକତ ଅଲି କହିଥିଲେ ଯେ, ବିପଦ ସମୟରେ ଅସହାୟ ଲୋକଙ୍କ ପାଖରେ ଛିଡ଼ା ହେବା, ସେମାନଙ୍କ ଦୁଃଖସୁଖରେ ସାମିଲ ହେବା ଏବଂ ସମ୍ଭବପର ସହଯୋଗ ଯୋଗାଇଦେବା ପ୍ରତ୍ୟେକ ମଣିଷର ମାନବିକ କର୍ତ୍ତବ୍ୟ।

'ଅକୱାନ' ପ୍ରଭାବରେ ଜଳବନ୍ଦୀ, ରାସ୍ତାରେ ଦୁଇଫୁଟ ପାଣି

ସାଲେପୁର, ୨୦।୧୧: ବାତ୍ୟା 'ଅକୱାନ' ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ସାଲେପୁର ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ସାଲେପୁର ବଜାରର ବିଭିନ୍ନ ସ୍ଥାନରେ ପାଣି ଜମି ରହିଥିବା ବେଳେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ବିକେ ଟକିଜ୍ ସମ୍ମୁଖରେ ପ୍ରାୟ ଦୁଇଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ଫଳରେ ବସ୍, କାର ଓ ବାଇକ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ମା' ସାହେଶ୍ୱରୀ ମନ୍ଦିର ନିକଟ ରାସ୍ତା ମଧ୍ୟ ଜଳମଗ୍ନ ହୋଇଛି। ସାଲେପୁର ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳରେ ମଧ୍ୟ ପାଣି ଜମି ରହିଛି। ଜଳ ନିଷ୍କାସନ ବ୍ୟବସ୍ଥାର ଅଭାବ ଯୋଗୁଁ ଏଭଳି ସମସ୍ୟା ଉପୁଜୁଥିବାରୁ ତୁରନ୍ତ ପଦକ୍ଷେପ ନେଇ ଯାତାୟାତ ସ୍ୱାଭାବିକ କରିବାକୁ ଦାବି ହୋଇଛି।

ବାଘୁଆ ଡ୍ୟାମ୍‌ର ଗେଟ୍ ଖୋଲିଲା

ବନ୍ୟା ଆଶଙ୍କାରେ ନଦୀକୂଳିଆ ଅଞ୍ଚଳ



ଏଥର ବଡ଼ ବନ୍ୟା ଆଶଙ୍କା ନାହିଁ: ଜଳସଂପଦ ସର୍ବୋଚ୍ଚ ଯନ୍ତ୍ରୀ

ଆସିକା/ବୁଗୁଡ଼ା/ଭୁବନେଶ୍ୱର, ୨୦/୧୧(ନିପ୍ର): ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ଦେଇଛନ୍ତି ଯେ, ଗଂଜାମ ଜିଲ୍ଲାକୁ ବାଦ୍ ଦେଇ ଅନ୍ୟ କୌଣସି ଅଞ୍ଚଳରେ ବିଶେଷ ବର୍ଷା ହୋଇନାହିଁ। ଚଳିତବର୍ଷ ଗତଥର ଭଳି ବଡ଼ ଧରଣର ବନ୍ୟା ସୃଷ୍ଟି ଆଶଙ୍କା ନାହିଁ। ବାତ୍ୟା 'ଅକଭାନ' ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ବାଘୁଆ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୪୦୦ କ୍ୟୁମେକ୍ସରୁ ଅଧିକ ଜଳ ପ୍ରବେଶ କରୁଥିବାରୁ ଗୁରୁବାର ଅପରାହ୍ନ ୩ଟାରୁ ଡ୍ୟାମ୍‌ର ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ କରାଯାଇଛି। ଫଳରେ ବାଘୁଆ ନଦୀର ଜଳସ୍ତର ବୃଦ୍ଧି ଆଶଙ୍କାରେ ବୁଗୁଡ଼ା, ପୋଲସରା, କବିସୂର୍ଯ୍ୟନଗର ଓ ଆସିକା ବ୍ଲକ୍‌ର ନଦୀକୂଳିଆ ଏବଂ ତଳିଆ ଅଞ୍ଚଳରେ ପ୍ରଶାସନ ସତର୍କତା ଜାରି କରିଛି। ଜଳସମ୍ପଦ ବିଭାଗ ଅନୁଯାୟୀ, ବର୍ତ୍ତମାନ ଜଳଭଣ୍ଡାରର ଜଳଧାରଣ କ୍ଷମତା ପ୍ରାୟ ୭୦ ପ୍ରତିଶତ ରହିଛି। ଅଧିକ ଜଳ ପ୍ରବେଶ କରୁଥିବାରୁ ନିୟନ୍ତ୍ରିତ ଭାବେ ଜଳ ନିଷ୍କାସନ ହେଉଛି। ନଦୀକୂଳିଆ ଗ୍ରାମବାସୀଙ୍କୁ ନଦୀକୁ ନଯିବା ଓ ଗୃହପାଳିତ ପଶୁଙ୍କୁ ନଦୀ ମଧ୍ୟକୁ ନଛାଡ଼ିବାକୁ ପରାମର୍ଶ ଦିଆଯାଇଛି। ବୁଗୁଡ଼ା ଏନ୍‌ଏସିର କଡ଼ାପଡ଼ା, ବୋଲସରା, ବ୍ରାହ୍ମଣଛାଇ, ଭେଟସିଙ୍ଗି ଓ ବୁଢ଼େଇସୁଣି ଅଞ୍ଚଳବାସୀଙ୍କୁ ବିଶେଷ ସତର୍କ ରହିବାକୁ କୁହାଯାଇଛି। ଅନ୍ୟପକ୍ଷରେ ପୋଲସରା ବ୍ଲକ୍‌ର ଚିରିକିପଡ଼ା, ଶାସନ ଗ୍ରାମର ତୁମ୍ବେଶ୍ୱର ପୀଠ ନିକଟରେ ବାଘୁଆ କେନାଲ ବନ୍ଧରେ ଘାଇ ସୃଷ୍ଟି ହେବାରୁ ନିକଟସ୍ଥ ଚାଷଜମିରେ ପାଣି ମାଡ଼ିଯାଇଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ଆସିକା ବ୍ଲକ୍‌ର ହରିଡ଼ାପଦର ପଞ୍ଚାୟତ ଅନ୍ତର୍ଗତ ମଣ୍ଡାପଡ଼ା, କୁୟାରୀ, ହରିଡ଼ାପଦର ଓ କେ. ଲଛମନପଲ୍ଲୀ ଏବଂ ଖାରିଆ ପଞ୍ଚାୟତର ହୁମୁକି, ଭାଟପଡ଼ା, ବଳିଆପଲ୍ଲୀ ଓ କନିଆରି ଗ୍ରାମ ବନ୍ୟାଜଳ ଦ୍ୱାରା ପ୍ରଭାବିତ ହେବା ଆଶଙ୍କା ରହିଛି। ହରିଡ଼ାପଦର ଓ ମଣ୍ଡାପଡ଼ା ଗ୍ରାମବାସୀଙ୍କ ପାଇଁ ଶୁଖିଲା ଓ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଛି।



ବାତ୍ୟା ଅକୱାନ ପ୍ରଭାବରେ ରାଜଧାନୀରେ ବର୍ଷା: ଜଳାର୍ଣ୍ଣବ ଜାତୀୟ ରାଜପଥ (ଫଟୋ-ଦିନଲିପି)

ପଞ୍ଚୁକ ବ୍ରତ ଆରମ୍ଭ

ପୁରୀ,୨୦।୨(ନିପ୍ର): ଶ୍ରୀ ମନ୍ଦିରରେ ପଞ୍ଚୁକ ବ୍ରତ ପାଳନ କରାଯିବା ନିମନ୍ତେ ରାଜ୍ୟର କୋଣ ଅନୁକୋଣରୁ ବ୍ରତ ଧାରୀମାନଙ୍କ ସୁଅ ଛୁଟିଚି । ବ୍ରତଧାରୀ ମାନେ ବିଭିନ୍ନ ମଠ ବାଡ଼ି ,ଭଡ଼ା ଘରେ ବ୍ରତ ପାଳନ କରୁଛନ୍ତି। ଚଳିତ ବର୍ଷ ପଞ୍ଚୁକ ଚାରି ଦିନ ପାଳନ ହେବା କାର୍ତ୍ତିକ ପୂର୍ଣ୍ଣିମାରେ ରତ୍ନ ସିଂହାସନ ଉପରେ ଶ୍ରୀଜୀଉମାନେ ରାଜରାଜେଶ୍ୱର ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ । କାର୍ତ୍ତିକ ପୂର୍ଣ୍ଣିମା ଭୋରରୁ ପଞ୍ଚ ତୀର୍ଥ ଓ ବେଳାଭୂମିରେ ଶ୍ରଦ୍ଧାଳୁମାନେ ଆ- କା- ମା - ବେ ଡାକି ବୋଇତ ଭସାଇବେ।ଏହି ସମୟରେ ଯେପରି କୌଣସି ଅଘଟଣ ନ ଘଟେ ସେଥି ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଖଟିଆରେ ଭରା ନଈ ପାର ହେଲେ ରୋଗୀ

ରାସ୍ତା ନଥିବାରୁ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ



ରାୟଗଡା, ୨୦/୧୧: ରାୟଗଡା ଜିଲ୍ଲାରୁ ପୁଣି ଆସିଛି ଏକ ବିକଳ ଚିତ୍ର । ଖଟିଆରେ ଭରା ନଈରେ ପାର ହେଲେ ରୋଗୀ । ରାସ୍ତା ନଥିବାରୁ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ । ଫଳରେ ଜଣେ ରୋଗୀଙ୍କୁ ଖଟିଆରେ ବୋହି ନାଗାବଳୀ ନଦୀ ପାର୍ କରାଯାଇଛି । ବାତ୍ୟା ଯୋଗୁଁ ନଦୀରେ ପାଣି ବଢିଥିବା ବେଳେ ରୋଗୀକୁ ଭରା ନଈ ପାର କରାଯାଇଛି । ଗତକାଲି ରାତିରେ ପୂଜାରୀବସ୍ତି ଗାଁର ଚାଣ୍ଡି ପିଡିକା ରୋଗାକ୍ରାନ୍ତ ହୋଇ ଅସୁସ୍ଥ ହୋଇପଡିଥିଲେ । ଆଜି ସକାଳୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । ଆମ୍ବୁଲାନ୍ସଟି ନଦୀ ପାର୍ ହୋଇ ଆମ୍ବୁଲାନ୍ସଟି ପୂଜାରୀ ବସ୍ତି ଯାଇନଥିଲା । ପରେ ଖଟିଆରେ ଭରା ନଈ ପାର କରିବା ପରେ ଆମ୍ବୁଲାନ୍ସ ଯୋଗେ ରାୟଗଡା ସଦର ମେଡିକାଲକୁ ନିଆଯାଇଥିଲା ।

ବାତ୍ୟା କଟକଣା ହଟିଲା, ୨୧ରୁ ଧବଳେଶ୍ୱରରେ ଦର୍ଶନ

ଆଠଗଡ଼, ୨୦/୧୧ (ନିପ୍ର): ବାତ୍ୟା ଅକୱାନକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ନଭେମ୍ବର ୨୦ ତାରିଖରେ ଧବଳେଶ୍ୱର ପୀଠରେ ସାଧାରଣ ଦର୍ଶନ ବନ୍ଦ ରଖାଯାଇଥିଲା। ତେବେ ଏହି ସମୟରେ ମହାପ୍ରଭୁଙ୍କ ସମସ୍ତ ଦୈନନ୍ଦିନ ନୀତିକାନ୍ତି ପାରମ୍ପରିକ ରୀତିରେ ସମ୍ପନ୍ନ ହୋଇଥିଲା। ଭକ୍ତମାନଙ୍କ ସୁବିଧା ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ମନ୍ଦିରର ସମସ୍ତ ନୀତିକାନ୍ତିର ସିଧା ପ୍ରସାରଣ କଟକ ଜିଲ୍ଲା ପ୍ରଶାସନର ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲରେ କରାଯାଇଥିଲା। ଫଳରେ ଦୂରଦୂରାନ୍ତରେ ଥିବା ଶ୍ରଦ୍ଧାଳୁ ଅନଲାଇନ୍‌ରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ବାତ୍ୟାର ସ୍ଥିତିରେ ପରିବର୍ତ୍ତନ ଆସିଥିବାରୁ ଆସନ୍ତା ନଭେମ୍ବର ୨୧ ତାରିଖରୁ ପୀଠରେ ପୁନର୍ବାର ସାଧାରଣ ଦର୍ଶନ ଆରମ୍ଭ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ଆଗାମୀ ପଞ୍ଚକ ଓ ବଡ଼ଓଷା ଅବସରରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଏବଂ ଶୃଙ୍ଖଳିତ ଦର୍ଶନ ପାଇଁ ମଧ୍ୟ ବ୍ୟାପକ ପ୍ରସ୍ତୁତି କରାଯାଇଛି।

ବାତ୍ୟା ପ୍ରଭାବିତ ଅଞ୍ଚଳ ସମୀକ୍ଷା କଲେ ଟିପିଏସ୍‌ଓଡିଏଲ୍ ସିଇଓ



ବ୍ରହ୍ମପୁର, ୨୦/୧୧(ନିପ୍ର): ବାତ୍ୟା 'ଅକ୍ୱାନ' ପରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବିଦ୍ୟୁତ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି ଟିପିଏସ୍‌ଓଡିଏଲ୍ ସିଇଓ ଅମିତ କୁମାର ଗର୍ଗ। ସେ ନରେନ୍ଦ୍ରପୁର ସେକ୍ସନର ତଳ ପୁଟବାଗଡ଼ ସମେତ ବିଭିନ୍ନ ଅଞ୍ଚଳ ବୁଲି ଜନପ୍ରତିନିଧି, ସରପଞ୍ଚ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ବାତ୍ୟା ପରେ ବିଦ୍ୟୁତ ସେବା ସ୍ୱାଭାବିକ କରିବାରେ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ବାତ୍ୟାରେ ଟିପିଏସ୍‌ଓଡିଏଲ୍ କାର୍ଯ୍ୟକ୍ଷେତ୍ରର ୧୦,୮୩,୩୪୮ ଜଣ ଉପଭୋକ୍ତା ପ୍ରଭାବିତ ହୋଇଥିଲେ। ସେଥିମଧ୍ୟରୁ ଗଞ୍ଜାମର ୫,୩୪,୩୬୧ ଓ ନବରଙ୍ଗପୁରର ୧,୨୩,୨୫୨ ଜଣ ଥିଲେ। କ୍ଷତିଗ୍ରସ୍ତ ବିଦ୍ୟୁତ ଭିତ୍ତିଭୂମିର ମରାମତି ଓ ଯୋଗାଣ ପୁନଃସ୍ଥାପନ ପାଇଁ କର୍ମଚାରୀ ଓ ଉଦ୍ଧାରକାରୀ ଟିମ୍ ନିରନ୍ତର କାର୍ଯ୍ୟ କରିଥିଲେ। ସୁରକ୍ଷିତ ଓ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଣ ସହ ନେଟୱର୍କ ସୁଦୃଢ଼ କରିବାକୁ କମ୍ପାନୀ ପ୍ରତିବଦ୍ଧ ବୋଲି ସିଇଓ କହିଛନ୍ତି।

ଘରୋଇ ଋଣ ସଂସ୍ଥାଙ୍କ ଜୁଲୁମ ଅସହ୍ୟ

କଣ୍ଟିଲୋ, ୨୦।୧୧ (ନି.ପ୍ର.): ଖଣ୍ଡପଡ଼ା, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାଙ୍କ ଜୁଲୁମ ଅସହ୍ୟ ହୋଇପଡ଼ିଛି। ଗତ ୩ ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ଛତୁ ଫୁଟିଲା ଭଳି ଗଢ଼ି ଉଠିଥିବା ବିଭିନ୍ନ ଘରୋଇ ଋଣ ସଂସ୍ଥାଙ୍କ କାର୍ଯ୍ୟକଳାପକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିଛି। ଋଣ ପ୍ରଦାନ ପରେ ମୂଳ ଓ ସୁଧ ଟଙ୍କା ଆଦାୟ ପାଇଁ କର୍ମଚାରୀମାନେ ଗ୍ରାହକଙ୍କ ଉପରେ ଚାପ ପକାଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଋଣ କିସ୍ତି ପୈଠରେ ବିଳମ୍ବ ହେଲେ ସଂସ୍ଥାର କର୍ମଚାରୀମାନେ ଗାଁ ଗାଁ ବୁଲି ଗ୍ରାହକଙ୍କୁ ଚାଗିଦ୍ କରିବା ସହ ଘର ଆଗରେ ଘଣ୍ଟା ଘଣ୍ଟା ଧରି ବସି ରହୁଛନ୍ତି। ଏହାଦ୍ୱାରା ଋଣଗ୍ରସ୍ତ ପରିବାରରେ ଅଶାନ୍ତି ଓ ପାରିବାରିକ ବିବାଦ ବଢୁଛି। ଋଣ ପରିଶୋଧ କରି ନପାରି ଅନେକ ଗରିବ ପରିବାର ଗାଁ ଛାଡ଼ି ଦାଦନ ଖଟିବାକୁ ଯାଉଥିବା ବେଳେ କେତେକ ରାଜ୍ୟ ବାହାରକୁ ପଳାଇଥିବା ଜଣାପଡ଼ିଛି। ଋଣ ଚାପରେ କେତେକ ବ୍ୟକ୍ତି ଆତ୍ମହତ୍ୟା କରିଥିବା ମଧ୍ୟ ଅଭିଯୋଗ ରହିଛି। ଖଣ୍ଡପଡ଼ା ବ୍ଲକର ଖଳିସାହି, ବେଣାଗାଡ଼ିଆ, ବଡ଼ବାଣପୁର ଓ ସିଧାମୂଳା ପଞ୍ଚାୟତର ବହୁ ଲୋକ ଋଣ ପରିଶୋଧ କରି ନପାରି ଗତ ଦୁଇବର୍ଷ ହେଲା ଗାଁ ଛାଡ଼ିଥିବା ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି। ଏଭଳି ଘଟଣା ସମ୍ପର୍କରେ ପ୍ରଶାସନ ପାଖରେ ତଥ୍ୟ ନଥିବା ଚିନ୍ତାର ବିଷୟ। ତେଣୁ ନୟାଗଡ଼ ଜିଲ୍ଲାପାଳ, ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଏହି ଘଟଣାର ତଦନ୍ତ କରି ଋଣଗ୍ରସ୍ତଙ୍କୁ ଉଚିତ ସୁରକ୍ଷା ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି।

ଭୟରେ ଗାଁ ଛାଡୁଛନ୍ତି ଲୋକେ !

ବର୍ଷା ଉଜାଡ଼ିଲା ସୁନାର ଫସଲ



ନିମାପଡ଼ା,୨୦।୧୧(ନିପ୍ର): ବାତ୍ୟା ଅକୱାନ ପ୍ରଭାବରେ ନିମାପଡ଼ା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ପ୍ରବଳ ବର୍ଷା ଓ ପବନ ଯୋଗୁଁ ବ୍ୟାପକ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଧାନ ଗଛରେ ଥୋଡ଼ ବାହାରିଥିବା ସମୟରେ ଫସଲ ପାଣିରେ ଶୋଇ ପଡ଼ିଥିବାରୁ ଉତ୍ପାଦନ ହ୍ରାସ ଆଶଙ୍କା ଦେଖାଦେଇଛି। ତୁଳସୀପୁର, ଭୋଦର, ବାମନାଳ ଓ ସଲଙ୍ଗ ଅଞ୍ଚଳରେ ଅଧିକ ଫସଲ କ୍ଷତି ହେବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ନିମାପଡ଼ା ବଜାରରେ ଜମିଥିବା ବର୍ଷାଜଳକୁ ପୌର ପ୍ରଶାସନ ପକ୍ଷରୁ ପମ୍ପ ଯୋଗେ ନିଷ୍କାସନ କରାଯାଇଥିଲା। ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିବା ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଶ୍ରୟସ୍ଥଳୀ ବୁଲି ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ତହସିଲଦାର ମନୋଜ ପ୍ରଧାନ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ।

ଭାପୁର: ଧାନ ବୁଣିବାଠାରୁ ଅମଳ ପର୍ଯ୍ୟନ୍ତ ଚାଷୀଙ୍କୁ ମରୁଡ଼ି ଓ ବନ୍ୟାର ଭୟ ଘାରିଥାଏ। ଚଳିତ ବର୍ଷ ତିନି ତିନୋଟି ବାତ୍ୟାର ସମ୍ମୁଖୀନ ହୋଇଥିବା ଭାପୁର ବ୍ଲକ୍‌ର ଚାଷୀଙ୍କ ପାଇଁ ବାତ୍ୟା ଅକୱାନ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ଅମଳ ପାଇଁ ପ୍ରସ୍ତୁତ ପାଚିଲା ଧାନ ଫସଲ ବର୍ଷାରେ ବୁଡ଼ି ରହିଥିବାରୁ ଗଜା ହେବାର ଆଶଙ୍କା ଦେଖାଦେଇଛି। ବ୍ଲକ୍‌ର ହଜାର ହଜାର ହେକ୍ଟର ଜମିରେ ଧାନ ଫସଲ ବର୍ଷାଜଳରେ ବୁଡ଼ି ରହିଛି। ଆଉ କିଛିଦିନ ପରେ ଅମଳ ହେବାକୁ ଥିବା ଫସଲ ନଷ୍ଟ ହେବା ଆଶଙ୍କା ଚାଷୀଙ୍କ ଚିନ୍ତା ବଢ଼ାଇଛି। ଋଣ କରି ଚାଷ କରିଥିବା ଗରିବ ଚାଷୀ ପରିବାର ଏବେ ଚିନ୍ତାରେ ପଡ଼ିଛନ୍ତି। ସେହିପରି ପନିପରିବା ଉତ୍ପାଦନ ପାଇଁ ପରିଚିତ କରବର ପଞ୍ଚାୟତର ଚାଷୀମାନେ ମଧ୍ୟ ବାତ୍ୟାଜନିତ ବର୍ଷାରେ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି।

କୃଷ୍ଣପ୍ରସାଦ: ବାତ୍ୟା ଓ ଲଘୁଚାପଜନିତ ବର୍ଷା କୃଷ୍ଣପ୍ରସାଦ ବ୍ଲକ୍‌ର ଚାଷୀଙ୍କ ଦୁର୍ଦ୍ଦଶା ବଢ଼ାଇଛି। ଚଳିତ ବର୍ଷ ବ୍ଲକ୍‌ରେ ପ୍ରାୟ ୬୭୦୦ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବେଳେ ଅମଳ ସମୟରେ ଅର୍ଣ୍ଣବ ଓ ଅକୱାନ ବାତ୍ୟା ସହ ଲଗାଣ ବର୍ଷା ଫସଲ ନଷ୍ଟ କରିଛି। ପ୍ରବଳ ବର୍ଷା ଓ ପବନରେ ପାଚିଲା ଧାନଗଛ ଭାଙ୍ଗି ଜମିରେ ପଡ଼ି ରହିଥିବା ବେଳେ ଅନେକ ଜମିରେ ପାଣି ଜମିଛି। ମାଲୁଦ, ବରୁକୋଟ, ବୁଦ